visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.215 Bhubaneswar Wednesday, October 13, 2021 | ୨୪ତମ ବର୍ଷ ସଂଖ୍ୟା-୨୧୫ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀଠାରେ ମଲ୍ଟି ମୋଡ଼ାଲ ଲଜିଷ୍ଟିକ ପାର୍କର ବିକାଶ ପାଇଁ ଏନଏଚଏଆଇ ଏବଂ ଟିଡ଼ିକୋ ମଧ୍ୟରେ ଏମଓୟୁ ଭର୍ଚୁଆଲ ସମାରୋହରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରି ଏବଂ ବନ୍ଦର, ପରିବହନ, ଜଳପଥ ଏବଂ ଆୟୁଷ ମନ୍ତ୍ରୀ ସରବାନନ୍ଦ ସୋନୋୱାଲ ଉପସ୍ଥିତ

## ଗୋଟିଏ ଦିନରେ ୫୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୨୬୭୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୯ ହଜାର ୨୧୮ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୧୪୧ ରହିଛି। ଆଜି ଚିହ୍ନଟ ହୋଇଥିବା ୫୨୯ ଜଣଙ୍କ ମଧ୍ୟରୁ ୩୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୭୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱରରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୩୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୧, ଗଜପତି ଜିଲ୍ଲାରୁ ୩, ଗଂଜାମ ଜିଲ୍ଲାରୁ ୬,ଜଗତସିଂହପୁର ଜିଲ୍ଲାରୁ ୮ ଜଣ, ଯାଜପୁରରୁ ୧୫ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୭ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି। ଖୋର୍ଦ୍ଧାରୁ ୨୭୪ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ଼ରୁ ୭ ଜଣ ସଂକ୍ରମିତ ହୋଇଥିବା ବେଳେ ନୂଆପଡ଼ାରୁ ୬, ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୬୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ରାଜଧାନୀରେ ୨୪ ଘଣ୍ଟାରେ ୨୩୪ ପଜିଟିଭ୍

ଭୁବନେଶ୍ୱର, ୧୨।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୨୩୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୨ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୮୨ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୫୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫୦୧୯ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୧୦୩୨୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୬୩୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୩୭ କୁ ବୃଦ୍ଧି ପାଇଛି।

## ଶ୍ୱାସରୁଦ୍ଧରୁ ମନୀଷଙ୍କ ମୃତ୍ୟୁ ! : ଜଣେ ଅଟକ

ଭୁବନେଶ୍ୱର, ୧୨।୧୦(ପି.ଏନ): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗଙ୍କର ଶ୍ୱାସରୁଦ୍ଧ ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟରୁ ଏହା ଜଣାପଡିଛି। ଏସମ୍ପର୍କରେ ଭୁବନେଶ୍ୱର ଏମସ୍ ପିଆରଓ ପ୍ରଭାସ ତ୍ରିପାଠୀ ସୂଚନା ଦେଇ କହିଛନ୍ତି ମନୀଷଙ୍କ ଆହୁରି ରିପୋର୍ଟ ଆସିବାକୁ ବାକି ଅଛି। ପାକସ୍ଥଳୀରେ ହଜମ ହୋଇନଥିବା ଖାଦ୍ୟକୁ ପରୀକ୍ଷା ପାଇଁ ପଠାଯାଇଛି। ଡାଏଟମ୍ ଓ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ମନୀଷଙ୍କ ପାଣିରେ ବୁଡ଼ି ନା ତା ପୂର୍ବରୁ ଶ୍ୱାସରୁଦ୍ଧ ହୋଇଛି ତାହାର ପରୀକ୍ଷା କରାଯିବ। ମନୀଷଙ୍କ ଶରୀରରେ ବାହାରକୁ ଦେଖାଗଲା ଭଳି କୌଣସି କ୍ଷତଚିହ୍ନ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୋଲିସକୁ ମନୀଷଙ୍କୁ ନିଆଯାଇଥିବା କାର୍ ମିଳିଛି। ମନୀଷଙ୍କ ସାଙ୍ଗ ସନ୍ଦେହ ଘେରରେ ରହିଛନ୍ତି।ଏହି ମାମଲାରେ ପୋଲିସ୍ ଜଣଙ୍କୁ ଅଟକ ରଖିଥିବା ବେଳେ ଆଉ ଜଣଙ୍କୁ ଖୋଜୁଛି। ମୃତ୍ୟୁ ପୂର୍ବରୁ ଗୁଡୁ ହୋଟେଲ୍ ସାଉଥ୍ ସିଟି ବାରକୁ ଯାଇଥିଲେ ବୋଲି ଜଣାପଡ଼ିବା ପରେ ପୋଲିସର ତଦନ୍ତ ଏହାରି ଉପରେ ଫୋକସ୍ କରିଛି। ବାର୍ କର୍ମଚାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମନୀଷ ରାତି ପ୍ରାୟ ୧୨ଟା ପରେ କିଛି ଯୁବକଙ୍କ ସହ ହୋଟେଲକୁ ଆସିଥିଲେ। ସେଠାରେ ସବୁ କିଛି ଠିକଠାକ୍ ଥିଲା। ଏହାପରେ ରାତି ପ୍ରାୟ ୨ଟା ୩୦ ବେଳକୁ ସେମାନେ ହୋଟେଲରୁ ଚାଲି ଯାଇଥିଲେ। ତେଣୁ ହୋଟେଲରୁ ଯିବା ପରେ କ'ଣ ହେଲା ଏବଂ ସେଠାରେ କିଏ କିଏ ଥିଲେ; ସେସବୁର ପୂରା ତଥ୍ୟ ପୋଲିସ ଖୋଜୁଛି। ହୋଟେଲର ସିସି କ୍ୟାମେରା ହାର୍ଡଡିସ୍କ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜବତ ହୋଇଛି। ରବିବାର ମନୀଷଙ୍କ ମୃତଦେହ ପାତ୍ରପଡ଼ାର ଏକ ପୋଖରୀରୁ ମିଳିଥିଲା। ଶସନିବାର ରାତିରୁ ସେ ନିଖୋଜ ଥିଲେ। ଭୋଜି କରିବାକୁ ଡାକି ନେଇ ମନୀଷଙ୍କୁ ତାଙ୍କର ସାଙ୍ଗମାନେ ହତ୍ୟା କରିଥିବା ବାପା ନବୀନ ଦାସ ଅଭିଯୋଗ କରିଛନ୍ତି।

### ଓଡିଶାରୁ ଫେରୁଛି ମୌସୁମୀ

ଭୁବନେଶ୍ୱର, ୧୨।୧୦(ପି.ଏନ): ଓଡ଼ିଶାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତନ କରୁଛି। ୧୨ ତାରିଖ ସୁଦ୍ଧା ଅର୍ଦ୍ଧାଧିକ ଓଡ଼ିଶାରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତନ କରିଛି। ଆଜି ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ନୂଆପଡ଼ା, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାରୁ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଫେରିଥିବା ବେଳେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କିଛି ଅଂଚଳରୁ ଫେରିଛି। ଅନ୍ୟପଟେ ଉତର ଆଣ୍ଡାମାନ ସାଗର ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ୪୮ ଘଂଟା ଭିତରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମଉତର-ପଶ୍ଚିମ ଦିଗରେ ଗତି କରି ପରବର୍ତୀ ୨୪ ଘଂଟାରେ ଦକ୍ଷିଣ ଓଡ଼ିଶା ଓ ଉତର ଆନ୍ଧ୍ର ଉପକୂଳରେ ପହଂଚି ପାରେ। ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି ଓ ବାଲେଶ୍ୱର ଜିଲ୍ଲାରେ ସାମାନ୍ୟ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି। ସେହିଭଳି ଆଗାମୀ ୨୪ ଘଂଟା ମଧ୍ୟରେ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି।

### କୋଭିଡ୍ ନିୟମକୁ ମାନି ପୂଜାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର,୧୨।୧୦(ପି.ଏନ): ପବିତ୍ର ଦୁର୍ଗା ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କୋଭିଡ୍ ନିୟମକୁ ମାନି ସୁରକ୍ଷିତ ଭାବେ ମା'ଙ୍କ ପୂଜାରେ ସାମିଲ ହେବା ନିମନ୍ତେ ଅନୁରୋଧ କରିବା ସହ ମୁଖ୍ୟମନ୍ତ୍ରୀ ମା'ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ ଓ ସମୃଦ୍ଧିରେ ଭରିଯାଉ ବୋଲି କାମନା କରିଛନ୍ତି।

## ସିନେ ଗବେଷକ ସୂର୍ଯ୍ୟ ଦେଓ ପାଇବେ ସୁରେଶ ସୃଜନ ସମ୍ମାନ

ଭୁବନେଶ୍ୱର, ୧୨।୧୦(ପି.ଏନ): ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ପାଇଁ ସିନେ ଗବେଷକ ତଥା ସଂସ୍କୃତିକର୍ମୀ ସୂର୍ଯ୍ୟ ଦେଓଙ୍କୁ ପ୍ରଦାନ କରାଯିବ ସୁରେଶ ସୃଜନ ସମ୍ମାନ। ଆଜି ଅପରାହ୍ନରେ ଫାଉଣ୍ଡେସନର ବୈଠକ ବସି ଏହି ଘୋଷଣା କରାଯାଇଛି। କବି-ଗାଳ୍ପିକ, ନାଟ୍ୟକାର, ଅନୁବାଦକ, ସମ୍ପାଦକ, ସଂଗ୍ରାହକ, ସଂସ୍କୃତିକର୍ମୀ, ଗବେଷକ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ଏହି ସମ୍ମାନ ଚଳିତ ମାସ ୨୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। ପ୍ରାପକ ଶ୍ରୀ ଦେଓ ଓଡ଼ିଆ ସିନେମାର ଗବେଷଣା ସହିତ ସଂଗ୍ରହଣ କାର୍ଯ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ନିୟୋଜିତ ଅଛନ୍ତି ଓ ଜଣେ ସଂସ୍କୃତିକର୍ମୀ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା, ବିଶିଷ୍ଟ ସମାଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଲୋକ ସଂସ୍କୃତି ଗବେଷକ ଡ. ଅଜୟ କୁମାର ମିଶ୍ର ଯୋଗଦେବେ ଓ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡ. ହରେକୃଷ୍ଣ ପାତ୍ର ସଭାପତିତ୍ୱ କରିବେ ବୋଲି ଫାଉଣ୍ଡେସନର ସମ୍ପାଦିକା ଅଧାପିକା ଡ. ଅନ୍ୟା ଅନୁରୂପା ଜଣାଇଛନ୍ତି।

## ରାଜଧାନୀ ଭୁବନେଶ୍ୱରରେ ପ୍ରତେକ ଦିନ ୨୦୦ ରୁ ୩୦୦ ଭିତରେ ସଂକ୍ରମଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୧୦(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ପ୍ରତେକ ଦିନ ୨୦୦ ରୁ ୩୦୦ ଭିତରେ ସଂକ୍ରମଣ ରହିଆସୁଛି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି, ଯେ ଏହି ସଂଖ୍ୟା ରହିବା ସହ ଏମିତି କି କିଛି ମାତ୍ରାରେ ଆର ଭ୍ୟାଲୁ ବଢିଛି। ହେଲେ ହସ୍ପିଟାଲ ଆଡମିସନ ଗୁରୁତର ରୋଗୀଙ୍କ ସଂଖ୍ୟା କମିଛି। ଏହାସହ ଭେଣ୍ଟିଲେଟରରେ ଆଡମିଟ ହେଉଥିବା ରୋଗୀଙ୍କ ସଂଖ୍ୟା ୧୦ ପ୍ରତିଶତରୁ କମ୍ ଅଛି। ଆସିୟୁରେ ଛୋଟ ପିଲାଙ୍କ ଆଡମିସନ ସଂଖ୍ୟା ୧ ପ୍ରତିଶତରୁ କମ୍ ଅଛି। ତେଣୁ ଆମେ ଏବେ ଭଲ ସ୍ଥିତିରେ ଅଛନ୍ତି।ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ତିନିମାସ ହେଲାଣି ସଂକ୍ରମଣ ତଳ ଉପର ହେଉଥିବାର ଦେଖା ଯାଉଛି। ଏଭଳି ସ୍ଥିତିରେ କିଭଳି ଟ୍ରାନ୍ସମିସନକୁ କମାଯାଇ ପାରିବ ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ପାର୍ବଣ ପାଇଁ କିଛି ଦିନ ହେଲା ଭିଡ଼ ଲାଗି ରହିଛି, ଯାହାକି ଖୁବ୍ ଉଦବେଗଜନକ। ତେବେ ବର୍ତ୍ତମାନ ସମୟରେ ୧୦୦ରୁ ୮୦ଜଣ ଲକ୍ଷଣବିହୀନ।

## ଅଚ୍ୟୁତ ସାମନ୍ତଙ୍କୁ ମହର୍ଷି ସମ୍ମାନ



ଭୁବନେଶ୍ୱର,୧୨।୧୦(ପି.ଏନ): କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଗୁଜରାଟ ପୋରବନ୍ଦରସ୍ଥିତ ଭାରତୀ ସାଂସ୍କୃତିକ ସମ୍ବର୍ଦ୍ଧକ ଟ୍ରଷ୍ଟ ପକ୍ଷରୁ ସନ୍ଦୀପନି ଗୌରବ ମହର୍ଷି ସମ୍ମାନ-୨୦୨୦ ପ୍ରଦାନ କରାଯାଇଛ। ଟ୍ରଷ୍ଟର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ରବିବାର ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁଜରାଟ ବିଧାନସଭା ବାଚସ୍ପତି ନିମାବେନ ଆଚାର୍ଯ୍ୟ ବୁଦ୍ଧିଜୀବୀ ଓ ବିଶିଷ୍ଟ ସାଧୁସନ୍ଥଙ୍କ ଉପସ୍ଥିତିରେ ଏକ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତଙ୍କ ଉତ୍ସର୍ଗୀକୃତ ଜୀବନ, ସମାଜସେବା ଓ ଆଧ୍ୟାତ୍ମିକତା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ସମ୍ମାନ ଗ୍ରହଣ କରିଥିଲେ। ଭାରତୀୟ ସାଂସ୍କୃତିକ ସମ୍ବର୍ଦ୍ଧକ ଟ୍ରଷ୍ଟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ଟ୍ରଷ୍ଟର ପ୍ରତିଷ୍ଠାତା ରମେଶ ଭାଇ ଓଝାଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ସନ୍ଦୀପନି ବିଦ୍ୟା ନିକେତନ ପକ୍ଷରୁ ଭାରତର ଋଷି ପରମ୍ପରା ଅନୁଯାୟୀ ୧୯୯୬ ମସିହାରୁ ଦେଶର ସାଧୁସନ୍ଥ, ସଂସ୍କୃତ ବିଦ୍ୱାନ, ଚିନ୍ତାନାୟକ ଓ ସମାଜସେବୀଙ୍କୁ ଦେବର୍ଷି, ବ୍ରହ୍ମର୍ଷି, ରାଜଶ୍ରୀ ଓ ମହର୍ଷି ସମ୍ମାନରେ ସମ୍ମାନିତ କରାଯାଇଆସୁଛି। ଚଳିତ ବର୍ଷ ଶ୍ରୀ ସାମନ୍ତଙ୍କ ବ୍ୟତୀତ ଶ୍ରୀମତୀ କୋକିଳାବେନ୍ ଧୀରୁଭାଇ ଅମ୍ବାନୀଙ୍କୁ ରାଜର୍ଷି ସମ୍ମାନ, ପୁନେସ୍ଥିତ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବଗିରି ମହାରାଜଙ୍କୁ ଦେବର୍ଷି ସମ୍ମାନ ଓ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ରାଜାରାମ ଶୁକ୍ଲାଙ୍କୁ ବ୍ରହ୍ମର୍ଷି ସମ୍ମାନ ପ୍ରଦାନ କରାଯାଇଥିଲା।

## ବୋମା ଫିଙ୍ଗିଥିବା ଯୁବକଙ୍କ ଫଟୋ ଜାରି, ଧରାଇଦେଲେ ମିଳିବ ପୁରସ୍କାର



କେନ୍ଦୁଝର,୧୨।୧୦(ପି.ଏନ): କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ କାର୍ ଉପରେ ବୋମା ଫିଙ୍ଗିଥିବା ଯୁବକଙ୍କ ଫଟୋ ଜାରି ହୋଇଛି। ବୋମା ମାଡ ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଭିଡିଓରୁ ୩ଟି ଫଟୋ ଜାରି କରିଛି ପୁଲିସ। ଏଥିସହ ଅଭିଯୁକ୍ତଙ୍କୁ ଧରାଇ ଦେଲେ ପୁରସ୍କାର ଦିଆଯିବ ବୋଲି କେନ୍ଦୁଝର ଏସ୍?ପି ମିତ୍ରଭାନୁ ମହାପାତ୍ର ଘୋଷଣା କରିଛନ୍ତି। ଗତ ରବିବାର ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅତିଥିଭାବେ ଯୋଗଦେବାକୁ ଯାଇଥିଲେ ମୋହନ ମାଝୀ। ସଭା ସରିଲା ପରେ ସେ ଫେରୁଥିବା ବେଳେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମଣ୍ଡୁଆ ନିକଟରେ ତାଙ୍କ ଗାଡି ଉପରକୁ ବୋମାମାଡ ହୋଇଥିଲା। ଏନେଇ ବିଧାୟକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଧରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ବିଧାୟକଙ୍କ ଗାଡି ଉପରକୁ ବୋମା ମାଡ ହେବାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଧରି ପାରିନି। ଏହାର ପ୍ରତିବାଦରେ ବିଜେପି ରାସ୍ତାକୁ ଓହ୍ଲାଇଥିଲା। ଆଜି ଗାନ୍ଧି ଛକଠାରେ ୪୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ବିଜେପି କର୍ମୀ। ଆଉ ଏଥିରେ ସାମିଲ ହୋଇଥିଲେ ମୋହନ ମାଝୀଙ୍କ ସମେତ ବିଜେପିର ୯ ଜଣ ବିଧାୟକ। ସେମାନେ ହେଲେ- ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରେଙ୍ଗାଳି ବିଧାୟକ ନାଉରି ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଯଶୀପୁର ବିଧାୟକ ଗଣେଶ ରାମ ଖୁଣ୍ଟିଆ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଲୁଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଶାରସକଣା ବିଧାୟକ ବୁଡାନ ମୁର୍ମୁ।ଆଜି ସର୍କିଟ ହାଉସରେ ବସିଥିଲା ବୈଠକ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୭ ଦିନ ସମୟ ମାଗିଲେ କେନ୍ଦୁଝର ଏସ୍?ପି। ୭ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏସ୍‌ପି। ଆଉ ଏସ୍?ପିଙ୍କ ପ୍ରତିଶ୍ରୁତି ପରେ ଆନ୍‌ଦୋଳନ ପ୍ରତ୍ୟାହାର କରିଛନ୍ତି ବିଜେପି ବିଧାୟକ। ୭ ଦିନ ମଧ୍ୟରେ ଗିରଫ ନହେଲେ ରାଜ୍ୟବ୍ୟାପୀ ଆନ୍‌ଦୋଳନ କରାଯିବ ବୋଲି ଚେତାବନୀ ନେଇଛନ୍ତି ବିଜେପି ବିଧାୟକ।

WANTED

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

Paryabekhyak and The Kalinga Chronicle Group need

1. DTP Operator & Layout designer (English and Odiya)
   2-5 years experience in Photoshop and Coreldraw
2. Accountant
   B. Com. with knowledge in latest Tally version
3. Advertisement Executive
   2-5 years experience in Sale, Advertisement and Space Marketing
4. Reporters in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
paryabekhyak@gmail.com
kalingachronicle@gmail.com
Whatsapp on: 9853400829

Visit at : www.thekalingachronicle.com
www.paryabekhyak.com







# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ପୁରାଣ କାହାଣୀ

## ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି



ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା...



ଭାରତୀୟ ସଂସ୍କୃତିରେ ମାତୃଶକ୍ତି ଉପାସନା କେଉଁ ଅନନ୍ତ କାଳରୁ ଚଳିଆସୁଛି। ଜଗଦ୍‌ଜନନୀ ମା ଦୁର୍ଗା ହେଉଛନ୍ତି ମହାମାୟୀ, ମହାଶକ୍ତି। ସେ ସୃଷ୍ଟିର ଆଦ୍ୟାଶକ୍ତି। ସେ ଅନନ୍ତ, ଅନାଦି। ସେ ମହାଲକ୍ଷ୍ମୀ, ମହାକାଳୀ, ମହାସରସ୍ୱତୀ। ଯୋଗମାୟା, ଗୌରୀ, ଆଦିଶକ୍ତି। ସେହି ଭୁବନେଶ୍ୱରୀ ଭୁବନମୋହିନୀଙ୍କର ମହିମା ଅପାର। ମାତା ଜୀବର ଜନ୍ମଦାତ୍ରୀ, ଶ୍ରେଷ୍ଠ ଆଶ୍ରୟଦାତ୍ରୀ। ସୃଷ୍ଟିର ସୁରକ୍ଷାକର୍ତ୍ତ୍ରୀ। ଆମ ସଂସ୍କୃତି ମାତୃକୈନ୍ଦ୍ରିକ ସଂସ୍କୃତି ଅଟେ। ଏହି କାରଣରୁ ଆମ ଦେଶ ଭାରତବର୍ଷକୁ ଭାରତମାତା ନାମରେ ନାମିତ କରାଯାଏ। ମାତୃଜାତି ସର୍ବଦା ପୂଜନୀୟା, ସ୍ମରଣୀୟା ଓ ବନ୍ଦନୀୟା ଅଟେ। ସକଳ ଜଗତରେ ମାତୃରୂପେ ପୂଜିତା ଦେବୀ ଦୁର୍ଗା ବିଶ୍ୱଜନନୀ ଓ ବିଶ୍ୱେଶ୍ୱରୀ। 'ବ୍ରାହ୍ମଣୀ' ରୂପେ ସେ ସୃଷ୍ଟି କରିଥାଆନ୍ତି। 'ବୈଷ୍ଣବୀ' ଶକ୍ତି ରୂପେ ଜଗତକୁ ପାଳନା କରିଥାଆନ୍ତି। 'ଶିବାନୀ' ରୂପେ ସେ ଜଗତର ଲୟ (ବିନାଶ) ଘଟାଇଥାଆନ୍ତି। ମା'ତ ସର୍ବତ୍ର ବିରାଜମାନ। ତାଙ୍କର ରୂପ ନାହିଁ ସେ ଅରୂପା। ସେ ପୁଣି ଅପର୍ଣ୍ଣା, ଯୋଗମାୟା ଓ ଚିନ୍ମୟୀ, ଶାକମ୍ଭରୀ। ସେ ଶାରଦା, ବରଦା, ମୋକ୍ଷଦା, ଶୁଭଦା ଅଟନ୍ତି। ତାଙ୍କର ବିନା ଇଙ୍ଗିତରେ ପତ୍ରଟିଏ ମଧ ହଲେନାହିଁ। ତେଣୁ ଋକ୍‌ବେଦରେ ଦେବୀସୂକ୍ତରେ ଲେଖାଅଛି ଯେ, ସେ ଆମର ସମସ୍ତ ଶକ୍ତି, ବିଦ୍ୟା ଓ ବୁଦ୍ଧିର ମୂଳ ଉତ୍ସ। ସେଥିପାଇଁ ଚଣ୍ଡୀରେ ଏପରି କୁହାଯାଇଛି – ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା। ନମଃସ୍ତେସ୍ୟୈ ନମଃସ୍ତସ୍ୟୈ ନମଃସ୍ତସ୍ୟୈ ନମୋଃନମଃ। କେବଳ ସେତିକି ନୁହେଁ ତାଙ୍କୁ ମାତୃ, ଚେତନା, ନିଦ୍ରା, କ୍ଷୁଧା, ଭ୍ରାନ୍ତି, ଛାୟା, ଶକ୍ତି, ତୃଷ୍ଣା, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ଲକ୍ଷ୍ମୀ, ବୃତ୍ତି, ଶ୍ରୁତି, ଦୟା, କ୍ଷମା, ତୁଷ୍ଟି, ପୁଷ୍ଟି, ଅଖିଳ ସର୍ବଭୂତ ଆତ୍ମାର ଅଧିକାରିଣୀ ଭାବରେ ବର୍ଣ୍ଣନା କରାଯାଇଛି। କିନ୍ତୁ ଯିଏ ଯେଉଁ ରୂପରେ ଯେତେବେଳେ ଯେଉଁଠି ଭକ୍ତି ଭାବରେ ଡାକିଛି ମା ତା' ଡାକ ଶୁଣିଛନ୍ତି। ଏଣୁ ଆଦ୍ୟାଶକ୍ତି ମା ଦୁର୍ଗାଙ୍କର ଉପାସନା ବହୁ ପ୍ରାଚୀନ କାଳରୁ କରାହୋଇ ଆସୁଅଛି। ଏହା ଭାରତର ଏକ ଜାତୀୟ ପର୍ବ। ଏହା ଏକ ଗଣପର୍ବ, ଜନଜାଗରଣର ପର୍ବ।

ତେବେ ଯେତେବେଳେ ଧରାପୃଷ୍ଠରେ ଅଧର୍ମ, ଅନ୍ୟାୟ, ଅତ୍ୟାଚାର ଅତି ମାତ୍ରାରେ ବଢ଼ି ବଢ଼ିଯାଏ, ମା'ଙ୍କୁ ଆବାହନ କରାଯାଇଥାଏ। କଳିଯୁଗରେ ଦୁର୍ଗାପୂଜାକୁ ଅଶ୍ୱମେଧ ଯଜ୍ଞର ବିକଳ୍ପ ରୂପେ ଗ୍ରହଣ କରାଯାଏ। ଏହାକୁ ସାଧାରଣରେ 'ଦଶହରା' ବା 'ନବରାତ୍ର ପୂଜା' ବୋଲି ମଧ କୁହାଯାଇଥାଏ। ସାଧାରଣତଃ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ବାସନ୍ତିକ ନବରାତ୍ର ପାଳନ କରାଯାଏ। ସେହିପରି ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଶାରଦୀୟ ନବରାତ୍ରୀ ପାଳନ କରାଯାଏ।

ଶରତର ଶୁଭ୍ର ଆକାଶ, ତଡ଼ାଗରେ କଇଁ, କମଳିନୀଙ୍କର ନୃତ୍ୟ, ଗଙ୍ଗଶିଉଳିର ମିଠା ମିଠା ମହକ ଓ କାଶତଣ୍ଡୀ ଫୁଲର ନିର୍ମଳ ହସକୁ ସାଙ୍ଗରେ ଧରି ସତେ ଅବା ବିରାଜିତ ଜଗଜ୍ଜନନୀ ମା' ଦୁର୍ଗା। ଆବାହନୀ ମନ୍ତ୍ରର ଗୁଞ୍ଜନରେ ପୂଜାର ପରିବେଶ ପାଲଟିଯାଏ ପବିତ୍ର। ମନରେ ଜାଗି ଉଠେ, ଅସୁମାରୀ ଆଶା ଓ ପୁଲକ। ଆତ୍ମପ୍ରତ୍ୟୟ ଦୃଢ଼ ହୁଏ। ମା ଜଗଜ୍ଜନନୀ ଢାଳିଦିଅନ୍ତି ସହସ୍ରଧାରାରେ ଆଶିଷର ଅମୃତଧାରା।



**ଦଶହରା ପର୍ବର ଅନ୍ତରାଳରେ ଥିବା ଘଟଣାସମୂହ:** ଶ୍ରୀଚଣ୍ଡୀରୁ ଜଣାଯାଏ ହିରଣ୍ୟାକ୍ଷର ବଂଶରେ 'ଗୁରୁ' ନାମକ ଜନୈକ ରାଜାଙ୍କର ଅତ୍ୟାଚାରୀ ପୁତ୍ର 'ଦୁର୍ଗମ' ନାମକ ଏକ ଅସୁରକୁ ବଧ କରିଥିବାରୁ ଦେବୀଙ୍କୁ ଦୁର୍ଗା ରୂପେ ସମ୍ବୋଧନ କରାଯାଏ। ମହିଷାସୁର ଦ୍ୱାରା ରାଷ୍ଟ୍ରୀୟ ଅଧିକାରରୁ ଭ୍ରଷ୍ଟ ଦେବତାମାନଙ୍କର ଦୁର୍ଦ୍ଦଶା ବିଷୟରେ 'ଦେବୀ ମହାତ୍ମ୍ୟ'ରେ ବର୍ଣ୍ଣନା କରାଯାଇଛି। ପରାଜୟ ପରେ ବିଷ୍ଣୁ, ଶିବ, ବ୍ରହ୍ମା, ଇନ୍ଦ୍ର ଆଦି ଦେବଗଣଙ୍କର ସମ୍ମିଳିତ କ୍ରୋଧରୁ ଏକ ତେଜୀୟାନ୍ ଶକ୍ତି 'ଦୁର୍ଗା' ରୂପେ ଆବିର୍ଭୁତା ହୋଇଥିଲେ। ସେହି ଦେବୀ ଦୁର୍ଗାଙ୍କୁ ସମସ୍ତ ଦେବଗଣ ନିଜ ନିଜର ଆୟୁଧ ପ୍ରଦାନ କରିଥିଲେ। ଏଣୁ ଦେବୀ ଦୁର୍ଗା ମହିଷାସୁର ସହିତ ଘୋର ସଂଗ୍ରାମ କରି ତାକୁ ବଧ କରିଥିଲେ। ଦେବଗଣ ସ୍ୱର୍ଗ ରାଜ୍ୟ ଫେରି ପାଇଥିଲେ।

ରାମାୟଣରୁ ଜଣାଯାଏ ରାବଣକୁ ପରାସ୍ତ କରିବା ସକାଶେ ସ୍ୱୟଂ ଶ୍ରୀରାମଚନ୍ଦ୍ର ମା' ଦୁର୍ଗାଙ୍କର ପୂଜା କରିଥିଲେ। ତାହାକୁ ଅକାଳବୋଧନ ପୂଜା କୁହାଯାଏ।

ପର୍ଶୁରାମ ମଧ ଯେତେବେଳେ ବାରମ୍ବାର ଯୁଦ୍ଧ କରି କୀର୍ତ୍ତିବୀର୍ଯ୍ୟଙ୍କଠାରୁ ପରାସ୍ତ ହୋଇଯାଇଥିଲେ, ସେତେବେଳେ ସେ ଦୁର୍ଗାପୂଜା କରି ବିଜୟୀ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ପରାମର୍ଶରେ ପାଣ୍ଡବମାନେ ମାତା ଗାନ୍ଧାରୀଙ୍କ ଆଶୀର୍ବାଦ ଲାଭ କରି ଏବଂ ମାତା ଦୁର୍ଗାଙ୍କୁ ପୂଜା କରିବା ପରେ ଦୁଷ୍ଟ କୌରବ ଶକ୍ତି ଉପରେ ବିଜୟ ଲାଭ କରିଥିଲେ। ଏପରିକି 'ବିରାଟ ପର୍ବ'ରେ ଯୁଧିଷ୍ଠିର ମଧ ଦେବୀଙ୍କୁ ମହିଷାସୁରମର୍ଦ୍ଦିନୀ ଓ ବିନ୍ଧ୍ୟବାସିନୀ ରୂପେ ଆବାହନ କରିଛନ୍ତି।

ଅନ୍ୟ ଏକ ଉପାଖ୍ୟାନ ଅନୁଯାୟୀ ପୂର୍ବ କାଳରେ ଚନ୍ଦ୍ରବଂଶରେ 'ସୁରଥ' ନାମକ ଜଣେ ରାଜା ଥିଲେ। ତାଙ୍କ ରାଜ୍ୟକୁ ଶତ୍ରୁ କବଳରୁ ସେ ରକ୍ଷା କରିପାରି ନଥିଲେ। ସେ ଜଙ୍ଗଲରେ ଆତ୍ମସମର୍ପଣ କଲେ ଏବଂ ସେଠି ସେ ଜ୍ଞାତି କୁଟୁମ୍ବ ଦ୍ୱାରା ବିତାଡ଼ିତ 'ସମାଧି' ନାମକ ବୈଶ୍ୟକୁ ଭେଟିଲେ। 'ମେଧା' ଋଷିଙ୍କ ପରାମର୍ଶରେ ଉଭୟେ ଏକ ନଦୀ କୂଳରେ ମା' ଚଣ୍ଡୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରି ପୂଜାକଲେ। ସେମାନଙ୍କ ତପସ୍ୟାରେ ଦେବୀ ପ୍ରସନ୍ନ ହେଲେ। 'ସୁରଥ' ରାଜା, ମା'ଙ୍କ ଆଶୀର୍ବାଦରୁ ନିଜର ରାଜ୍ୟ ଫେରିପାଇଲେ ଓ 'ସମାଧି ବୈଶ୍ୟ'ଙ୍କର ମଧ ମାନସିକ ଇଚ୍ଛାକୁ ମା' ପୂରଣ କରିଥିଲେ। ସେହିଦିନ ଠାରୁ ମାତୃପୂଜାର ପରମ୍ପରା ଗଡ଼ିଆସିଛି।

**ଦୁର୍ଗା ଶବ୍ଦର ତାତ୍ତ୍ୱିକ ଅର୍ଥ :** ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦୁର୍ଗା ଶବ୍ଦର ଅର୍ଥ ବିଶ୍ଲେଷଣ କଲେ 'ଦୁ' ଶବ୍ଦର ଅର୍ଥ ହେଉଛି ଦୈତ୍ୟନାଶକ, 'ଉ'କାରର ଅର୍ଥ ହେଉଛି ବିଘ୍ନନାଶକ, 'ରେଫ୍'କାରର ଅର୍ଥ ହେଉଛି ରୋଗନାଶକ। 'ଗ' ଶବ୍ଦର ଅର୍ଥ ହେଉଛି ପାପନାଶକ ଓ 'ଆ'ଶବ୍ଦର ଅର୍ଥ ହେଉଛି ଶତ୍ରୁନାଶକ। ମୋଟ ଉପରେ ଦୁର୍ଗା ଶବ୍ଦର ଅର୍ଥ ହେଉଛି ମହା ସଙ୍କଟ ନାଶକ। ଆସୁରୀ ଶକ୍ତିର ବିନାଶ ପାଇଁ ଦୁର୍ଗାଦେବୀଙ୍କର ଉତ୍ପତ୍ତି। ସେ ସକଳ ଶକ୍ତିର ଆଧାର, ଶକ୍ତି ଓ ମାତୃତ୍ୱର ପ୍ରତୀକ।

**କାହିଁକି କରିବା ନବରାତ୍ରି ପୂଜା:** 'ଦଶହରା'ରେ ନବରାତ୍ରିର ଆରାଧନା ମଣିଷକୁ ଦୁଃଖ ମୁକ୍ତ କରିଥାଏ। ଏହା ଦୁଃଖର ତିନି ମୂଳ କାରଣକୁ ଧ୍ୱଂସ କରିବାରେ ସହାୟତା କରିଥାଏ। ଦୁଃଖର ତିନି ମୂଳକାରଣ ହେଲା ଆସକ୍ତି, ଅଭାବ ଓ ଅଜ୍ଞାନ। ଦୁର୍ବଳ ବ୍ୟକ୍ତିକୁ ରୋଗ, ଶୋକ, ସନ୍ତାପ ଆଦି ମାଡ଼ିବସନ୍ତି। ସାଧନାର ଅଭାବ ଦୀନ ଓ ଦରିଦ୍ରତାର କାରଣ ହୋଇଥାଏ, ଯାହାର ମୂଳ କାରଣ ହେଉଛି ଅଜ୍ଞାନତା। ନବଦିନ ପୂଜାରେ ଶକ୍ତିଙ୍କର 'ନଅ' ରୂପକୁ ପୂଜା କରାଯାଏ। ସେଗୁଡ଼ିକ ହେଲା ଶୈଳପୁତ୍ରୀ, ବ୍ରହ୍ମାଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ।

ଦୁର୍ଗାପୂଜାର ଶେଷ ଦିବସରେ ଦଶହରା ପର୍ବ ପାଳନ କରାଯାଏ। ଏହା "ଆସୁରୀ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟ" ପର୍ବ ଅଟେ। ଏଣୁ ଏହାର ନାମ ବିଜୟା ଦଶମୀ।

**ମା' ଦୁର୍ଗାଙ୍କ ଦିବ୍ୟାସ୍ତ୍ର:** ମା' ଦୁର୍ଗାଙ୍କର ରୂପ ଅତ୍ୟନ୍ତ ଭବ୍ୟ ଓ ମନମୋହକ ହୋଇଥାଏ। କେଉଁଠି ସେ ଅଷ୍ଟଭୁଜା ତ କେଉଁଠି ଦଶଭୂଜା, ପୁଣି କେଉଁଠି ଶତଭୂଜା। ତାଙ୍କ ହାତରେ ଶୋଭା ପାଉଥିବା ଅସ୍ତ୍ରଶସ୍ତ୍ର ଗୁଡ଼ିକ ତାଙ୍କର ସ୍ୱରୂପର ଶୋଭାକୁ ଶତଗୁଣିତ କରିଥାଏ। ଏହି ଦିବ୍ୟାସ୍ତ୍ର ଗୁଡ଼ିକ ଭିନ୍ନଭିନ୍ନ ଦେବତାମାନେ ଦେବୀଙ୍କୁ ପ୍ରଦାନ କରିଅଛନ୍ତି। ଏହି ଦିବ୍ୟାସ୍ତ୍ର ଯୋଗୁ ଦେବୀଙ୍କୁ ମହାଦେବୀ କୁହାଯାଏ। ମହାଦେବୀଙ୍କୁ ସ୍ୱୟମ୍ଭୂ ନିଜର ତ୍ରିଶୂଳ, ବିଷ୍ଣୁ- ଚକ୍ର, ବରୁଣ – ଶଙ୍ଖ, ଅଗ୍ନି – ଶକ୍ତି, ବାୟୁ – ଧନୁଷ ଏବଂ ଶରପୂର୍ଣ୍ଣ ତୂଣୀର ଅର୍ପଣ କଲେ। ଇନ୍ଦ୍ର – ବଜ୍ର ଏବଂ ଘଣ୍ଟା, ଯମରାଜ – କାଳଦଣ୍ଡ, ବରୁଣ – ପାଶ, ପ୍ରଜାପତି – ସ୍ଫଟିକମାଳା, ବ୍ରହ୍ମା – କମଣ୍ଡଳୁ, ସୂର୍ଯ୍ୟ – କିରଣ, କାଳ – ଢାଲ ଏବଂ ଖଣ୍ଡା ପ୍ରଦାନ କଲେ। କ୍ଷୀର ସମୁଦ୍ର ରତ୍ନ ଆଭୂଷଣମାନ ଦେଲେ। ବିଶ୍ୱକର୍ମା – ଫାର୍ସା ଓ ଅସ୍ତ୍ର ଅଭେଦ୍ୟ କବଚ ଦେଲେ – ସମୁଦ୍ର କମଳପୁଷ୍ପ, ହିମାଳୟ ବାହନ ପାଇଁ ସିଂହ ଓ ବିବିଧ ରତ୍ନ ଅର୍ପଣ କଲେ। କୁବେର- ମଧୁପୂର୍ଣ୍ଣ ପଦ୍ମପାତ୍ର, ନାଗରାଜ – ନାଗହାର ସମର୍ପଣ କଲେ। ଏହିଭଳି ଅସ୍ତ୍ରଶସ୍ତ୍ରର ସୁସଜ୍ଜିତା ମା ଦୁର୍ଗା ମହିଷାସୁରକୁ ବଧ କରି ଦେବତାମାନଙ୍କୁ ସଂସ୍ଥାପନ କରିଥିଲେ। ସଂସାରର କଲ୍ୟାଣ ସାଧନ ପାଇଁ ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ଏହିପରି ଯୁଗେଯୁଗେ ମହାଦେବୀଙ୍କର ଧରାପୃଷ୍ଠରେ ଆବିର୍ଭାବ ହୋଇଥାଏ।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩,*
*ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ପୂର୍ବତନ ବିଧାୟକ କିଶୋର ତରାଇଙ୍କ ପାଟଣା ଓ ସଦର ଗସ୍ତକୁ ନେଇ କେଉଁଝର ଚଳଚଞ୍ଚଳ



କେନ୍ଦ୍ରାପଡ଼ା (ପିଏନ୍): ପୂର୍ବତନ କେନ୍ଦ୍ରାପଡା ବିଧାୟକ ତଥା ଦଳୀୟ ପର୍ଯ୍ୟବେକ୍ଷକ କିଶୋର ଚନ୍ଦ୍ର ତରାଇଙ୍କ କେଉଁଝର ଜିଲ୍ଲାର ପାଟଣା ଓ ସଦର ଅଞ୍ଚଳ ଗସ୍ତକୁ ନେଇ କେଉଁଝରେ ବିଜେଡି ଚଳଚଞ୍ଚଳ ହୋଇଉଠିଛି। ଏହି ଦୁଇଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ଦଳୀୟ ପର୍ଯ୍ୟବେକ୍ଷକ ଶ୍ରୀ ତରାଇ ପହଞ୍ଚି ବୈଠକ କରାଇବା ସହିତ ବିଜୁ ଜନତା ଦଳର ଦଳୀୟ କର୍ମୀମାନଙ୍କୁ ଏକାଠି ହୋଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସମ୍ମୁଖୀନ ହେବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଶ୍ରୀ ତରାଇଙ୍କ ସାଂଗଠନିକ ଦକ୍ଷତା ଓ ଦଳୀୟକର୍ମୀମାନଙ୍କୁ ଏକାଠି କରି ଆଗାମୀ ଦିନରେ ଦଳ ସପକ୍ଷରେ ଲଢ଼େଇ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ କାର୍ଯ୍ୟକାରିଣୀ ବୈଠକ ଝୁମ୍ପୁରା ବ୍ଲକ ଅଞ୍ଚଳର ଆସନପାଟ ପଞ୍ଚାୟତରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେହି ବୈଠକରେ ଯୋଗଦେଇଥିବା ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ମାଧବାନନ୍ଦ ସର୍ଦ୍ଦାର, କେଉଁଝର ଜିଲ୍ଲା ଓକିଲ ସଙ୍ଘର ସଭାପତି ତଥା ପ୍ରାକ୍ତନ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ବିଜେଡି ଅନୁସୂଚିତ ଜାତି ସେଲର ସଭାପତି ଭରତ ପାତ୍ର, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକଙ୍କ ସମେତ ୪ଟି ବ୍ଲକର ସଭାପତି, ଅଧକ୍ଷ, ମହିଳା ସଭାନେତ୍ରୀ, ଯୁବ, ଛାତ୍ର, କିଷାନ ଓ ଡିଜିଟାଲ ସେଲର ସଭାପତିମାନେ ଯୋଗଦେଇଥିଲେ। ଆଗାମୀ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି କିଭଳି ଦଳର ପ୍ରାର୍ଥୀମାନେ ନିର୍ବାଚନେ ବିଜୟୀ ହୋଇପାରିବେ ସେ ସମ୍ପର୍କରେ ଦଳୀୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ କେନ୍ଦ୍ରାପଡା ବିଧାୟକ ଶ୍ରୀ ତରାଇ ଦଳର ନେତୃତ୍ୱ ଏବଂ କର୍ମୀମାନଙ୍କୁ ବୁଝାଇଥିଲେ। ଏହି ବୈଠକରେ କଂଗ୍ରେସ, ବିଜେପି ଓ ସିପିଆଇ ଦଳର ୩୦ଜଣ ବରିଷ୍ଠ କର୍ମକର୍ତ୍ତା ସେମାନଙ୍କ ସମର୍ଥକମାନଙ୍କ ସହ ବିଜେଡିରେ ଯୋଗଦେଇଥିଲେ। ଏହି ବୈଠକରେ ପର୍ଯ୍ୟବେକ୍ଷକ ଶ୍ରୀ ତରାଇଙ୍କ ସହ ନିରଞ୍ଜନ ପଟ୍ଟନାୟକ, ଗୌତମ ସ୍ୱାଇଁ ଏବଂ ସୂର୍ଯ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ରାଷ୍ଟ୍ରୀୟ ମଧବିତ୍ତ ପରିବାର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର



କେନ୍ଦ୍ରାପଡ଼ା (ପିଏନ୍): ରାଷ୍ଟ୍ରୀୟ ମଧବିତ୍ତ ପରିବାର ମହାସଂଘ ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଗୁରୁବାର ମହାକାଳପଡା ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତରେ ବଢୁଥିବା ବ୍ୟାପକ ଦୁର୍ନୀତିର ପ୍ରତିବାଦ କରିବାରୁ ସମାଜସେବୀମାନେ ଆକ୍ରୋଶର ଶିକାର ହେଉଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ସାଧରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି । ବିଗତ ଦିନରେ ଏକ ପୈତୃକ ସ୍ଥିତିବାନ ଘରବାଡି ସମ୍ପତ୍ତି ମାମଲାକୁ କେନ୍ଦ୍ରକରି ଜଣେ ସମାଜସେବୀଙ୍କ ସହିତ ସ୍ଥାନୀୟ କିଛି ପ୍ରଭାବଶାଳୀ ଦୁର୍ନୀତିଗ୍ରସ୍ତ ରାଜନେତା ଓ ଅଫିସର ଜାଣିଶୁଣି ଉଦେଶ୍ୟମୂଳକ ଭାବେ ମହାସଂଘର ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ରଙ୍କୁ ହଇରାଣ କରିବା ପାଇଁ ଷଡଯନ୍ତ୍ର କରୁଥିବା ମହାସଂଘ ଅଭିଯୋଗ କରିଛି । ସ୍ୱଚ୍ଛ ପ୍ରଶାସନ ଓ ସ୍ୱଚ୍ଛ ଶାସନର ନାରା ମହାକାଳପଡା ନିର୍ବାଚନ ମଣ୍ଡଳୀ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ମହାସଂଘ କହିଛି । କେନ୍ଦ୍ରାପଡା ଦେୱାନୀ ଅଦାଲତରେ ଶ୍ରୀ ପାତ୍ରଙ୍କ ପରିବାର ପକ୍ଷରୁ ମାମଲା ବିଚାରାଧିନ ଥିବା ସତ୍ତ୍ୱେ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିଷେଧାଦେଶ ଜାରି ରହିଥିବା ସତ୍ତ୍ୱେ ସେହିପଞ୍ଚାୟତର ଶାସକ ଦଳର କେତେକ ନେତାଙ୍କ ଇଙ୍ଗିତରେ କିଛି ଚୋରା ମଦମାଫିଆଙ୍କୁ ଢାଲ କରି ତାଙ୍କ ଜମି ହାତେଇ ନେବାଭଳି ପ୍ରୟାସ କରିଥିବା ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମହାସଂଘ । ସୂଚନା ଅଧିକାର ଆଇନ ବଳରେ ଶ୍ରୀ ପାତ୍ର ବିଭିନ୍ନ ଦୁର୍ନୀତିର ତଥ୍ୟ ମାଗୁଥିବାରୁ ଏବଂ ସେ ସମ୍ପର୍କିତ ଖବର ଲୋକ ଲୋଚନକୁ ଆଣୁଥିବାରୁ ପଞ୍ଚାୟତରେ ବୃଦ୍ଧି ପାଇଥିବା ଭ୍ରଷ୍ଟାଚାର ଏବଂ ଦୁର୍ନୀତିମୂଳକ କାର୍ଯ୍ୟକଳାପକୁ ଲୁଚେଇବାକୁ ଯାଇ ସ୍ଥାନୀୟ ନେତୃବୃନ୍ଦ ଯେଉଁ ହୀନ ପ୍ରୟାସ କରୁଛନ୍ତି ତାହା ଅସାମ୍ବିଧାନୀକ ଓ ଘୋର ନିନ୍ଦନୀୟ ବୋଲି ମହାସଂଘ କହିଛି । ତେଣୁ ମୁଖ୍ୟମନ୍ତ୍ରୀ ଏଭଳି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘର ରାଜ୍ୟ ସଭାପତି ପ୍ରଦିପ ମିଶ୍ର, ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର, କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଜିଲ୍ଲା ସମ୍ପାଦକ ଅରୁଣ ମହାପାତ୍ର, ଆଳୟ ସାମନ୍ତରାୟ, ଅମର ମହାପାତ୍ର, ନିହାର ମହାନ୍ତି, ଚିତ୍ରସେନ ମଣ୍ଡଳ, ବାପିନା ପରିଡା, ଚିତ୍ତରଞ୍ଜନ ତରାଇ ଓ ପବିତ୍ର ପରିଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

# ପତ୍ନୀ ଓ ପୁଅକୁ ଉଦ୍ଧାର ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ୱାମୀର ନିବେଦନ

କେନ୍ଦ୍ରାପଡ଼ା (ପିଏନ୍): ପତ୍ନୀ ଓ ବାଳୁତ ପୁଅକୁ ତୁରନ୍ତ ଉଦ୍ଧାର କରାଯିବା ପାଇଁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କୁ ନିବେଦନ କରିଛନ୍ତି ସ୍ୱାମୀ। ଦୀର୍ଘ ୭ମାସରୁ ଉର୍ଦ୍ଧ୍ୱ ସମୟ ଧରି ଉଭୟ ପତ୍ନୀ ଓ ପୁଅଙ୍କୁ ପୋଲିସ ଉଦ୍ଧାର କରିନଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପୋଇଲୋ ଗ୍ରାମର ଶ୍ରୀଚରଣ ବେହେରା ଗତ ୨୦୧୫ମସିହା ମଇମାସ ୧୫ତାରିଖରେ ଜଗତସିଂହପୁର ଜିଲ୍ଲାର ଅଢଙ୍ଗାଗଡ(ସୋଲାସାହି) ଗ୍ରାମର ବାବାଜି ଦାସଙ୍କ ଝିଅ ମାନସୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କ ପତ୍ନୀଙ୍କ ଗର୍ଭରୁ ଅନନ୍ତ ନାମରେ ଏକ ଶିଶୁପୁତ୍ର ମଧ ଜନ୍ମ ନେଇଥିଲା। ତାଙ୍କ ପରିବାରଟି ଶାନ୍ତିରେ କାଳାତିପାତ କରୁଥିବା ବେଳେ ଚଳିତବର୍ଷ ଫେବୃୟାରୀମାସ ୨୧ତାରିଖ ରାତି ପ୍ରାୟ ୯ଟା ସମୟରେ ପତ୍ନୀ ଓ ପୁଅ ଘରେ ନଥିବାର ଦେଖି ଶ୍ରୀଚରଣ ଗ୍ରାମ ସମେତ ବନ୍ଧୁବାନ୍ଧବ ଏବଂ ଶ୍ୱଶୁର ଘରେ ଖୋଜାଖୋଜି କରିଥିଲେ। କିନ୍ତୁ କେଉଁଠାରେ ବି ସେମାନଙ୍କୁ ପାଇ ନଥିଲେ। ପରେ ଶ୍ୱଶୁର ବାବାଜିଙ୍କ ଠାରୁ ଖବର ପାଇଥିଲେ ଯେ ଟାଉନ ଥାନା ଅନ୍ତର୍ଗତ ଭ୍ରମରଦିଆପାଟଣା ଗ୍ରାମର ପ୍ରଶାନ୍ତ କୁମାର ମହାରଣା ଫେସବୁକରେ ଶ୍ରୀଚରଣଙ୍କ ପତ୍ନୀ ମାନସୀ ସହ ସମ୍ପର୍କ ରଖି ବିବାହର ପ୍ରଲୋଭନ ଦେଖାଇ ମନ୍ଦ ଉଦେଶ୍ୟ ରଖି ପୋଇଲୋସ୍ଥିତ ବାସଭବନରୁ ଉଠାଇ ନେଇଛି। ଏଥିସହିତ ଏକ ଆବଦ୍ଧ ଘର ମଧରେ ମାନସୀକୁ ରଖି ତାକୁ ଯୌନ ନିର୍ଯ୍ୟାତନା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସମ୍ପର୍କରେ ଶ୍ୱଶୁର ବାବାଜିଙ୍କ ଠାରୁ ଶ୍ରୀଚରଣ ଖବର ପାଇଥିଲେ। ଶ୍ରୀଚରଣ ଗତ ମାର୍ଚ୍ଚମାସ ୩୧ତାରିଖରେ ପ୍ରଶାନ୍ତ ମହାରଣା ନିକଟରେ ପହଞ୍ଚି ତାକୁ ପଚାରିବାରେ ପ୍ରଶାନ୍ତ ଅଶ୍ଳିଳ ଭାଷାରେ ତାଙ୍କୁ ଗାଳିଗୁଳଜ କରିବା ସହ ମାଡମାରି ଭୁଜାଲି ଧରି ଜୀବନରେ ମାରିଦେବାକୁ ଗୋଡାଇଥିଲେ ବୋଲି ଶ୍ରୀଚରଣ ଅଭିଯୋଗ କରିଛନ୍ତି। ତେଣୁ ସେ ଜୀବନବିକଳରେ ସେଠାରୁ ପଳାଇଆସି କେନ୍ଦ୍ରାପଡା ଏସଡିଜେଏମଙ୍କ କୋର୍ଟରେ ତାଙ୍କ ପତ୍ନୀ ଓ ପୁଅକୁ ଉଦ୍ଧାର କରିବା ନିମନ୍ତେ ପୋଲିସକୁ ନିର୍ଦେଶ ଦେବାକୁ ଏକ ୧ସିସି ମାମଲା ଗତ ଅପ୍ରେଲମାସ ୫ତାରିଖରେ ଦାୟର କରିଥିଲେ। କେନ୍ଦ୍ରାପଡା ଏସଡିଜେଏମ ଗତ ଅପ୍ରେଲମାସ ୭ତାରିଖରେ ଶ୍ରୀଚରଣଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଜୁଲାଇମାସ ପହିଲା ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ପାଟକୁରା ଥାନା ଅଧିକାରୀଙ୍କୁ ଫୌଜଦାରୀ ଦଣ୍ଡବିଧୀ ଆଇନର ୧୫୬(୩) ଧାରାରେ ନିର୍ଦେଶ ଦେଇଥିଲେ। କିନ୍ତୁ ପାଟକୁରା ଥାନା ପୋଲିସ କୋର୍ଟଙ୍କ ସେହି ନିର୍ଦେଶ ଉପରେ ୪ମାସ ୨୦ଦିନ ପରେ ଅର୍ଥାତ ଗତ ଅଗଷ୍ଟମାସ ୨୭ତାରିଖରେ ଆଇପିସିର ଧାରା ୩୬୫, ୩୪୧, ୨୯୪, ୩୨୩, ୫୦୬ ଓ ୩୪ଦଫାରେ ଥାନା କେଶ ନମ୍ବର – ୪୧୭ରେ ଏକ ମାମଲା ରୁଜୁ କରିଦେଇ ଚୁପ ହୋଇ ବସିଥିବା ଶ୍ରୀଚରଣ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ପତ୍ନୀ କିମ୍ବା ପୁଅକୁ ଅଦ୍ୟାବଧି ପୋଲିସ ଉଦ୍ଧାର କରିନଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସେମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରାଯିବାକୁ ଶ୍ରୀଚରଣ ଆରକ୍ଷୀ ଅଧିକ୍ଷକଙ୍କୁ ନିବେଦନ କରିଛନ୍ତି।

## ଧୂମାତ ସରପଞ୍ଚ ଫେରାର ଥିବାରୁ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ଦେବା ପାଇଁ ଜିଲାପାଳଙ୍କୁ ନିବେଦନ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ପଞ୍ଚାୟତର ସରପଞ୍ଚ ନରହରୀ ପାଣି ସେହି ପଞ୍ଚାୟତର ରିନାରାଣୀ ମଲ୍ଲିକ ନାମକ ଜଣେ ଜନଜାତି ମହିଳାଙ୍କୁ ଅସଦ୍ ବ୍ୟବହାର କରିଥିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ବିଭିନ୍ନ ଗୁରୁତର ଦଫାରେ ଗତ ସେପ୍ଟେମ୍ବରମାସ ୧୧ ତାରିଖରେ ନିକିରାଇ ଥାନାରେ ଏକ ମାମଲା ଦାଏର ହେବାରୁ ଅଭିଯୁକ୍ତ ଶ୍ରୀ ପାଣି ସେହିଦିନ ଠାରୁ ଫେରାର ହୋଇଯାଇଛନ୍ତି । ତାଙ୍କ ଅନୁପସ୍ଥିତିରେ ପଞ୍ଚାୟତର ଶତାଧିକ ହିତାଧିକାରୀ ଗତ ମାସରେ ବିଭିନ୍ନ ଭତ୍ତା ପାଇନଥିବା ବେଳେ ଏମ.ଜି.ଏନ୍.ଆର.ଇ.ଜି.ଏସ୍ ଯୋଜନାରେ ବହୁଲୋକ କାମ କରି ସେମାନଙ୍କ ପ୍ରାପ୍ୟ ପାଉନାହାଁନ୍ତି । ଆଗକୁ ଦଶହରା ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଦଶହରା ପୂର୍ବରୁ ବିଭିନ୍ନ ଯୋଜନାରେ କାର୍ଯ୍ୟ କରିଥିବା ଲୋକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ପ୍ରଦାନ ପାଇଁ ବୁଧବାର ଧୂମାତ ପଞ୍ଚାୟତର ୧୧ନମ୍ବର ୱାର୍ଡର ୱାର୍ଡମେମ୍ବର ମଧୁସୁଦନ ପଣ୍ଡା, ୫ନମ୍ବର ୱାର୍ଡମେମ୍ବର ପ୍ରମୋଦ ବିଶ୍ୱାଳ, ୧୭ ନମ୍ବର ୱାର୍ଡମେମ୍ବର ମେଘନାଦ ସ୍ୱାଇଁ, ୧୫ ନମ୍ବର ୱାର୍ଡମେମ୍ବର ସୁରେନ୍ଦ୍ର ସାହୁ ଓ ୫ନମ୍ବର ୱାର୍ଡମେମ୍ବର ପଙ୍କଜ ସାହୁ ଏବଂ ପଞ୍ଚାୟତର ବହୁ ସ୍ୱେଚ୍ଛାସେବୀମାନେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଦାବି କରିଥିଲେ । ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିବା ୱାର୍ଡମେମ୍ବର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବ ଶତୃତାରୁ ସରପଞ୍ଚ ଶ୍ରୀ ପାଣି ଗତ ମାସ ୧୦ ତାରିଖରେ ରାସ୍ତା ଉପରେ ଅଭିଯୋଗ କାରିଣୀ ଦଳିତ ବର୍ଗର ମହିଳା ରିନାରାଣୀ ମଲ୍ଲିକଙ୍କୁ ଅସଦ୍ ବ୍ୟବହାର କରିବା ସହିତ ତାଙ୍କର ୬ଜଣ ସହଯୋଗୀଙ୍କ ସହିତ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ରିନାରାଣୀଙ୍କୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଉଦ୍ୟମ କରୁଥିବା ବେଳେ ତାଙ୍କ ସ୍ୱାମୀ ଉମାକାନ୍ତ ଏବଂ ଶ୍ୱଶୁର ଅଦୈତଙ୍କ ଉପରେ ମଧ ଆକ୍ରମଣ ହୋଇଥିଲା । ଅଦୈତଙ୍କ ମୁଣ୍ଡ ଫାଟିଯିବାରୁ ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଦୁଇଦିନ ତଳେ ଘରକୁ ଫେରିଛନ୍ତି ।

# ରାଜ୍ୟ ସ୍କାଉଟସ୍ ଏବଂ ଗାଇଡସ୍‌ର ଅନ୍‌ଲାଇନ୍ ୟୁଥ୍ ମ୍ୟାନେଜମେଣ୍ଟ ସିଷ୍ଟମ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ବିଶ୍ୱ ସ୍କାଉଟ ସଂଗଠନ ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମକୁ ସମସ୍ତ ଜିଲ୍ଲାମାନଙ୍କରେ ପହଞ୍ଚାଇବା ପାଇଁ ଜିଲ୍ଲାର ଦକ୍ଷ ସ୍କାଉଟମାଷ୍ଟର ଓ ଗାଇଡ୍‌କ୍ୟାପଟେନମାନଙ୍କୁ ସଂପୂର୍ଣ୍ଣ ଅବଗତି କରିବା ନିମନ୍ତେ ଏକ କର୍ମଶାଳା ରାଜ୍ୟ ମୁଖ୍ୟାଳୟ ପରିସରରେ ତା୦୭।୧୦।୨୧ରିଖଠାରୁ ତା୦୮.୧୦.୨୦୨୧ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଅଛି । ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷକମାନେ ଉକ୍ତ କର୍ମଶାଳାରେ ଯୋଗଦାନ କରି ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, କବ୍ ଓ ବୁଲ୍‌ବୁଲ୍‌ମାନଙ୍କର ଅନ୍ ଲାଇନ୍ କିପରି ସହଜରେ ରେଜିଷ୍ଟ୍ରେସନ କରିପାରିବେ ସେହି ବିଷୟରେ ତାଲିମ ଦିଆଯାଇଛି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ଆହ୍ୱାନକ୍ରମେ ପୂର୍ବାଞ୍ଚଳ ସହାୟକ ନିର୍ଦ୍ଦେଶକ ଶ୍ରୀ ବବ୍‌ଲୁ ଗୋସ୍ୱାମୀ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରି ଉକ୍ତ କର୍ମଶାଳାରେ ଯୋଗଦାନକାରୀ ସମସ୍ତ ଶିବିରାର୍ଥୀମାନଙ୍କୁ ଉକ୍ତ ଶିକ୍ଷା ଶିବିର ସମାପ୍ତ ପରେ ନିଜ ନିଜ ଜିଲ୍ଲାରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସଫଳତାର ସହ ବିଶ୍ୱ ସଂଗଠନର ଉକ୍ତ ପ୍ରଶଂସନୀୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ, ଶିବିରାର୍ଥୀମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ସ୍କାଉଟ/ଗାଇଡ୍ ସଂଗଠନର ପ୍ରତ୍ୟେକ କାର୍ଯ୍ୟକୁ ସଫଳ କରିବାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଗାଇଡ୍ ସଂଗଠନ ତଥା ତାଲିମ କମିଶନର ଶ୍ରୀମତୀ ଅନାମିକା ଦାସ ଶିବିରର ଆଭିମୁଖ୍ୟ ଖୁବ୍ ସରଳ ଭାବରେ ଶିବିରାର୍ଥୀମାନଙ୍କୁ ବୁଝାଇ ଦେଇ ତଦନୁସାରେ କାର୍ଯ୍ୟନିର୍ବାହ କରିବାକୁ ଆଶାବ୍ୟକ୍ତ କରିଥିଲେ।

# ବିଶିଷ୍ଟ ସମାଜସେବୀ ମଥୁରୀ ଜେନାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଶିଷ୍ଟ ସମାଜ ସେବୀ ମଥୁରୀ ଚରଣ ଜେନାଙ୍କ ଦ୍ୱାଦଶାହରେ ତାଙ୍କ ଚକଡା(ବଡମଙ୍ଗଳା) ସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ହୃଷିକେଶ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଜେନା ଏକଦା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପ୍ରହ୍ଲାଦ ମଲ୍ଲିକଙ୍କ ଘନିଷ୍ଠ ସହଯୋଗୀ ଥିଲେ । ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟରେ ସେ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ ଥିଲେ ବୋଲି ତାଙ୍କ ଜୀବାନାଦର୍ଶ ସମ୍ପର୍କରେ ଆଲୋଚନା କରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧରେ ସାମ୍ବାଦିକ ଦେବେନ୍ଦ୍ର ସୁଆର, ଶିକ୍ଷାବିତ ଭଜକୃଷ୍ଣ ରାଉତ, ଅଧାପକ ଡଃ. ଗିରିଶ ଚନ୍ଦ୍ର ପାତ୍ର, ଆଇନଜୀବୀ ସରୋଜରାଜ ସିଂ, ଅଧାପକ ହିମାଂଶୁ ଭୂଷଣ ପରିଡା, ଶିକ୍ଷାବିତ ପ୍ରଣବ କୁମାର ଜେନା, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ, ଶାରଳା ସାହିତ୍ୟ ସଂସଦ ସଭାପତି ଇଂ ପ୍ରଭାକର ସ୍ୱାଇଁ, ପୂର୍ବତନ ଅଧକ୍ଷ ମଦନମୋହନ ଜେନା, ଅଧାପକ ବିବେକାନନ୍ଦ ସିଂ, ଧିରେନ ସାହୁ, ହିରଣ୍ୟ ପଣ୍ଡା,ପୁତୁରା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ପ୍ରଭାତ କୁମାର ଜେନା, ପ୍ରଶନ୍ନ ଜେନା, ପବିତ୍ର ଜେନା, ପୁତ୍ର ଅଧାପକ ପ୍ରଶାନ୍ତ କୁମାର ଜେନା, ସଂଗ୍ରାମ ଓ ଶୁଭାଂଶୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ସଭ୍ୟ ମନୋନୀତ



ଭୁବନେଶ୍ୱର (ପିଏନ୍): ଓଡିଶାର ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ (ପିସିଆଇ) ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ଏହି ସମ୍ମାନଜନକ ପଦବୀ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସଂପ୍ରତି ଜାତୀୟ ସାମ୍ବାଦିକ ୟୁନିଅନର ମହାସଚିବ ଓ ଓଡିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସଭାପତି ଥିବା ଶ୍ରୀ ମହାନ୍ତି ଦୀର୍ଘଦିନ ଧରି ଓଡିଶା ସାମ୍ବାଦିକତା ଜଗତରେ କାର୍ଯ୍ୟ କରିଆସୁଛନ୍ତି । ଜଣେ ଆଗଧାଡିର ରାଜନୈତିକ ସମୀକ୍ଷକ ଭାବେ ବେଶ୍ ପରିଚିତ ଶ୍ରୀ ମହାନ୍ତି ଆଗାମୀ ତିନିବର୍ଷ ପାଇଁ ପିସିଆଇ ସଭ୍ୟଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ବିପୁଳ ସ୍ୱାଗତ କରାଯାଇଛି । ଭାରତୀୟ ପ୍ରେସ୍ କାଉନସିଲ୍ ତରଫରୁ ଶ୍ରୀ ମହାନ୍ତିଙ୍କ ମନୋନୟନ ସମ୍ପର୍କରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଣମାଧ୍ୟମ ସୁରକ୍ଷା ଓ ସାମ୍ବାଦିକଙ୍କ ସାମୂହିକ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଲାଗି ଏହା ଏକ ସର୍ବୋତ୍କୃଷ୍ଟ ସୁଯୋଗ ବୋଲି ଶ୍ରୀ ମହାନ୍ତି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୧୩

# ମା' ମଙ୍ଗଳା ଗୌରୀ ଶକ୍ତିପୀଠ, ଗୟା



ପଦ୍ମ ପୁରାଣ, ବାୟୁ ପୁରାଣ ଓ ଅଗ୍ନି ପୁରାଣରେ ଯେଉଁ ଗୋଟିଏ ମନ୍ଦିରର ଉଲ୍ଲେଖ ରହିଛି, ସେ ହେଲା ବିହାରର ସବୁଠୁ ପ୍ରସିଦ୍ଧ ମଙ୍ଗଳା ଗୌରୀ ମନ୍ଦିର। ଏହି ମନ୍ଦିର ବିହାରର ଗୟା ସହରରେ ଅବସ୍ଥିତ। ଏହି ମନ୍ଦିର ୧୫ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଏହି ମନ୍ଦିର ମା' ସତୀଙ୍କୁ ସମର୍ପିତ ହୋଇଥିଲା। ଗୟାର ଏହି ମନ୍ଦିର ବିଶେଷ ଭାବେ ବୈଷ୍ଣବ ପନ୍ଥିୟ ଅଟେ। କୃପା ଓ କରୁଣାର ଦେବୀ ରୂପରେ ମଙ୍ଗଳା ଗୌରୀଙ୍କର ପୂଜାର୍ଚ୍ଚନା କରାଯାଏ। ଏହି ମନ୍ଦିରକୁ ଉପ ଶକ୍ତିପୀଠରେ ସାମିଲ୍ କରା ଯାଇଛି। ଯେଉଁ ଭକ୍ତ ମା'ମଙ୍ଗଳା ଗୌରୀଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ମା'ମଙ୍ଗଳା ଗୌରୀ ପ୍ରତ୍ୟକ୍ଷ ଦେବୀ ବୋଲି ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି। ଏହି ମନ୍ଦିରକୁ ନେଇ ଅନେକ କିମ୍ବଦନ୍ତୀ ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ



ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି



ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ବିହାର ପ୍ରଦେଶ ଗୟାର ଭସ୍ମକୁଟ ପର୍ବତ ଉପରେ ମା' ସତୀଙ୍କ ସ୍ତନଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମା'ମଙ୍ଗଳା ଗୌରୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମନ୍ଦିର ପୂର୍ବ ଦିଗରେ ଥିବା ମଙ୍ଗଳା ଗୌରୀ ପାହାଡ଼ ଉପରେ ତିଆରି କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର ପର୍ଯ୍ୟନ୍ତ ପହଂଚିବାକୁ ପାହାଚ ଗୁଡ଼ିକ ତିଆରି ହୋଇଛି ଓ ମୋଟର ଗାଡ଼ିରେ ଯିବା ପାଇଁ ରାସ୍ତାର ମଧ୍ୟ ବ୍ୟବସ୍ଥା ହୋଇଛି। ଏହି ପବିତ୍ର ମନ୍ଦିରରେ ଦେବୀଙ୍କ ବହୁ ସୁନ୍ଦର ଓ ଧାତୁ ପଥର ଆଦିରେ କାରୁକାର୍ଯ୍ୟ କରାଯାଇଥିବା ମୂର୍ତି ଗୁଡ଼ିକ ସ୍ଥାପିତ ହୋଇଛି। ମନ୍ଦିରର ସାମ୍ନାରେ ହିଁ ଗୋଟିଏ ଛୋଟ ମଣ୍ଡପ ରହିଛି। ଏଠାରେ ମଧ୍ୟ ଭଗବାନ ଶିବଙ୍କର ଛୋଟ ଛୋଟ ଦୁଇଟି ମନ୍ଦିର ରହିଛି। ଏଥିସହ ମହିଷାସୁର ମର୍ଦ୍ଦିନୀ, ଦୁର୍ଗା ଓ ଦେବୀ କାଳୀଙ୍କର ମୂର୍ତି ମାନ ରହିଛି। ଏହି ମଙ୍ଗଳା ଗୌରୀଙ୍କ ମନ୍ଦିର ପରିସରରେ ମା'କାଳୀ, ଭଗବାନ ଗଣେଷ,



ଭଗବାନ ହନୁମାନ ଓ ଭଗବାନ ଶିବଙ୍କ ମନ୍ଦିର ବି ରହିଛି। ଗୟା ଭଳି ପବିତ୍ର ସହର ଆମ ଦେଶରେ ଅନେକ ରହିଛି। ମାତ୍ର ପ୍ରତ୍ୟେକ ସହରର ନିଜ ନିଜର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତି ସହରର ନିଜସ୍ୱ ଭିନ୍ନ ଭିନ୍ନ ଗୁରୁତ୍ୱ ରହିଛି। ସେହିଭଳି ଗୟା ସହରର ମଧ୍ୟ ନିଜର ଭିନ୍ନ ପରିଚୟ ରହିଛି। ଏହି ସହରର ପ୍ରମୁଖ ବିଶେଷତ୍ୱ ହେଲା, ଏହାର ନାମ ଗୟା ନାମକ ଏକ ରାକ୍ଷସ ନାଁ ରେ ରଖା ଯାଇଥିଲା। ଗୟା ସହରରେ ମଙ୍ଗଳା ଗୌରୀ ଦେବୀଙ୍କର ମନ୍ଦିର ଜାଗ୍ରତ ପ୍ରହରୀ ଭାବେ ବିରାଜମାନ। ଏହା ସହିତ ଏହି ସହରରେ ଭୀମଙ୍କର ମଧ୍ୟ ମନ୍ଦିର ରହିଛି। ସାରା ଦେଶରେ ଏଭଳି ବହୁ କମ୍ ସ୍ଥାନ ରହିଛି, ଯେଉଁଠି ଭୀମଙ୍କ ଭଳି ମହାଭାରତର ମହାନ୍ ଯୋଦ୍ଧାଙ୍କ ମନ୍ଦିର ଅଛି। ଭୀମଙ୍କ ସଂପର୍କରେ ମଧ୍ୟ କୁହାଯାଏ ଯେ, ସେ ଏହି ସ୍ଥାନରେ ଶ୍ରାଦ୍ଧ କର୍ମ କରିଥିଲେ। ବର୍ଷର ସବୁ ସମୟରେ ମା'ମଙ୍ଗଳା ଗୌରୀ ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମା'ମଙ୍ଗଳା ଗୌରୀ ଦେବୀଙ୍କରଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'ମଙ୍ଗଳା ଗୌରୀ ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୪୩୭୪୪୧୦୭୨/୯୩୩୭୩୬୯୪୪୮

# ନବଦୁର୍ଗା ପୂଜନ




## ପ୍ରଥମ ଦିବସ : ମା' ଶୈଳପୁତ୍ରୀ

ମା' ଦୁର୍ଗାଙ୍କର ନ'ଟି ରୂପ ଅଛି। ପ୍ରଥମ ରୂପରେ ସେ ପର୍ବତରାଜ ହିମାଳୟରର କନ୍ୟା ହିସାବରେ ଜନ୍ମ ନେଇଥିବାରୁ ତାଙ୍କୁ ଶୈଳପୁତ୍ରୀ ବା ଶୈଳକନ୍ୟା କୁହାଯାଏ। ଏହି ରୂପରେ ତାଙ୍କର ବାହନ ଥିଲେ ବୃଷଭ, ଦକ୍ଷିଣ ହସ୍ତରେ ତ୍ରିଶୂଳ ଏବଂ ବାମହସ୍ତରେ ପଦ୍ମପୁଷ୍ପ ଶୋଭାପାଏ। ଏଣୁ ନବଦୁର୍ଗା ପୂଜନରେ ସେ ପ୍ରଥମ ଦିନ ଏହି ରୂପେ ପୂଜା ପାଆନ୍ତି। ଦୁର୍ଗାଙ୍କର ଏହି ଜନ୍ମନେଇ ଏକ କାହାଣୀ ଅଛି। ପୂର୍ବ ଜନ୍ମରେ ସେ ପ୍ରଜାପତି ଦକ୍ଷଙ୍କର କନ୍ୟାଥିଲେ। ତାଙ୍କ ନାମ ଥିଲା ସତୀ। ସେ ଶିବଙ୍କୁ ବିବାହ କରିଥିଲେ। ଏକଦା ତାଙ୍କ ପିତା ଏକ ବିରାଟ ଯଜ୍ଞର ଆୟୋଜନ କରିଥିଲେ। ଏଥିରେ ସେ ସାରା ଦେବତାମାନଙ୍କୁ ସେମାନଙ୍କର ଯଜ୍ଞଭାଗ ପାଇବା ନିମନ୍ତେ ନିମନ୍ତ୍ରିତ କଲେ। ଶିବଙ୍କର ଯଜ୍ଞ ଭାଗଥିଲା ଅଥଚ ସେ ନିମନ୍ତ୍ରିତ ନଥିଲେ। ତଥାପି ପାର୍ବତୀ ଏହାର କାରଣ ଜାଣିବାକୁ ଶିବଙ୍କୁ ପଚାରିଲେ ଏବଂ ପିତାଙ୍କ ଯଜ୍ଞକୁ ଯିବାପାଇଁ ଜିଦ୍‌କଲେ। ଶିବ ବୁଝାଇ ଦେଲେ : ପ୍ରଜାପତି ଦକ୍ଷ କୌଣସି କାରଣ ବଶତଃ ଆମ ଉପରେ ରୁଷ୍ଟ। ସେ ଅନ୍ୟମାନଙ୍କୁ ନିମନ୍ତ୍ରଣ କଲେ। ମୋତେ ଜାଣିଶୁଣି ନିମନ୍ତ୍ରଣ କରିନାହାଁନ୍ତି। ଏପରିସ୍ଥଳେ ତୁମେ ଜାଣିଶୁଣି ଯିବାଟା ଠିକ୍ ହେବ ନାହିଁ। କିନ୍ତୁ ସତୀଙ୍କର ପ୍ରବଳ ଆଗ୍ରହଥିଲା ଯେ ସେ ଅନୁମତି ଦେଲେ ଅନ୍ତତଃ ସେ ତାଙ୍କର ପ୍ରୀତିଜନମାନଙ୍କୁ ଏହି ଅବସରରେ ମିଳିପାରନ୍ତେ। ଶିବ ତାଙ୍କୁ ଅନୁମତି ଦେଲେ। ସତୀ ପିତାଙ୍କ ଘରେ ପହଞ୍ଚି ଦେଖିଲେ ଯେ କେବଳ ତାଙ୍କ ମାତା ତାଙ୍କୁ ସ୍ନେହରେ କୋଳାଗ୍ରତ ଏବଂ ଆଲିଙ୍ଗନ କଲେ। ପିତାଙ୍କର ଅଣଆଡ଼ିକ ବିଦ୍ରୁପମୁଖ। ଯେଉଁମାନଙ୍କୁ ପାଇବାରେ ସେ ଏତେ ବ୍ୟଗ୍ର ଓ ଜିଦ୍‌ଖୋର ଥିଲେ, ସେମାନେ ତାଙ୍କଠୁ ମୁହଁ ଆଡ଼େଇ ନେଇଛନ୍ତି। ତାଙ୍କ ପ୍ରତି ବିଦ୍ରୁପହସ, ଥଟ୍ଟା, ପରିହାସ ଏବଂ ଅପମାନ ଓ ଆପତ୍ତିଜନକ ଇଙ୍ଗିତ ବର୍ଷି ଚାଲିଛନ୍ତି। ତହିଁଙ୍କୁ ଭୟଙ୍କର ଭାବେ ଶିବ ନିନ୍ଦା ଚାଲିଛି। ତାଙ୍କ ପ୍ରତି ଅସହ୍ୟ ବ୍ୟଙ୍ଗୋକ୍ତି ଓ ନିର୍ଲଜ୍ଜ ଭାଷାର ପ୍ରୟୋଗ ତଥା ଘୃଣ୍ୟ ଓ ନ୍ୟୁନତାଭାବ ଭରପୁର ଅଛି। ସବୁଠୁ ତାଙ୍କୁ ବେଶି ବାଧିଲା ପତିନିନ୍ଦା। ସେ ତାଙ୍କ ବାରଣ ନମାନି ପିତାଘର ଆସିଥିବାରୁ ଦୁଃଖ ଅନୁତାପାନଳରେ ଜଳି ପୋଡ଼ିଗଲେ। ବଡ଼ ଅସହ୍ୟ ଲାଗିଲା ଜୀବନ। ସେ ନିଜକୁ ଛି କରିଦେଲେ ଏବଂ ଯଜ୍ଞ ସ୍ଥଳରେ ଅଗ୍ନିରେ ଝାସଦେଲେ। ଶିବ ଏବାର୍ତ୍ତା ପାଇଁ କ୍ରୋଧାନଳରେ ଚରମ ସୀମାରେ ପହଞ୍ଚିଗଲେ ଏବଂ ଶିବଗଣଙ୍କୁ ପଠାଇ ଦକ୍ଷ ଯଜ୍ଞ ଧ୍ୱସ୍ତ, ବିଧ୍ୱସ୍ତ ଏବଂ ଧ୍ୱଂସ କରିଦେଲେ। ପର ଜନ୍ମରେ ଏହି ସତୀ ପୁଣି ଶିବଙ୍କର ଅର୍ଦ୍ଧାଙ୍ଗିନୀ ହେଲେ ଏବଂ ସେ ଶୈଳପୁତ୍ରୀ, ପାର୍ବତୀ ବା ହୈମବତୀ ନାମରେ ଖ୍ୟାତ ହେଲେ। ହୈମବତୀ ଭାବେ ସେ ଦେବତାମାନଙ୍କର ଗର୍ବ ଭଂଜନ କରିଥିଲେ। ଶୈଳପୁତ୍ରୀ ବା ପାର୍ବତୀ ଜନ୍ମରେ ଦୁର୍ଗାଙ୍କର ମହତ୍ୱ ଓ ଶକ୍ତି ଅନନ୍ତ ଅଟେ। ନବରାତ୍ର ପୂଜନରେ ପ୍ରଥମ ଦିବସରେ ତାଙ୍କ ପୂଜା ଓ ଉପାସନା କରାଯାଏ। ଏହି ପୂଜାବେଳେ ଯୋଗୀ ବା ପୂଜକର ମନ ମୂଳାଧାର ଚକ୍ରରେ ସ୍ଥିର ଥାଏ। ଏଥିରୁ ତା'ର ଯୋଗସାଧନାର ପ୍ରାରବ୍ଧ ପ୍ରାପ୍ତି ହୁଏ। ***ବନ୍ଦେ ବାଞ୍ଛିତ ଲାଭାୟ ଚନ୍ଦ୍ରାର୍ଦ୍ଧ କୃତ ଶେଖରାମ୍। ବୃଷାରୂଢ଼ା ଶୂଳଧରାଂ ଶୈଳପୁତ୍ରୀ ଯଶସ୍ୱିନୀମ୍ ।। ... ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।।***

## ଦ୍ୱିତୀୟ ଦିବସ : ମା' ବ୍ରହ୍ମଚାରିଣୀ

ମାତା ଦୁର୍ଗାଙ୍କର ଦ୍ୱିତୀୟ ରୂପ ହେଉଛି ବ୍ରହ୍ମଚାରିଣୀ। ବ୍ରହ୍ମ ଶବ୍ଦର ଅର୍ଥ ହେଉଛି ତପସ୍ୟା। ଏଣୁ ଯିଏ ତପ ଆଚରଣ କରନ୍ତି, ସେ ତପସ୍ୱିନୀ ବା ବ୍ରହ୍ମଚାରିଣୀ। କୁହାଯାଏ : ବେଦସ୍ତତ୍ତ୍ୱଂ ତପୋ ବ୍ରହ୍ମ – ବେଦ ତତ୍ତ୍ୱ ଏବଂ ତପ ବ୍ରହ୍ମାଶବ୍ଦର ଅର୍ଥ ଅଟେ। ଏହି ରୂପରେ ଦେବୀ ଜ୍ୟୋତିର୍ମୟୀ। ଏହାଙ୍କ ଦକ୍ଷିଣହସ୍ତରେ ଜପାମାଳା ଏବଂ ବାମ ହସ୍ତରେ କମଣ୍ଡଳୁ ଥାଏ। ଦୁର୍ଗା ତାଙ୍କ ପୂର୍ବ ଜନ୍ମରେ ଶୈଳପୁତ୍ରୀ ଥିଲେ। ସେତେବେଳେ ସେ ନାରଦଙ୍କ ପରାମର୍ଶ କ୍ରମେ ଭଗବାନ ଶିବଙ୍କୁ ପତିରୂପେ ପାଇବାରେ କଠିନ ତପସ୍ୟା କରିଥିଲେ। ସେ ଦୁଷ୍କର ତପ କାରଣରୁ ତାଙ୍କୁ ତପଚାରିଣୀ ବା ବ୍ରହ୍ମଚାରିଣୀ କୁହାଯାଏ। ଏ ତପସ୍ୟାରେ ଏକ ହଜାର ବର୍ଷ ସେ ଫଳମୂଳ, ଏକ ଶତବର୍ଷ କାଳ ଶାକାହାରୀ ରୂପେ ସମୟ ବଢ଼ାଇଥିଲେ। କିଛିଦିନ ସଂପୂର୍ଣ୍ଣ କଠିନ ଉପବାସ ବି ଖୋଲା ଆକାଶତଳେ ଖରାରେ, ବର୍ଷାରେ, ଶୀତ ଓ କାକରେ କଟାଇଥିଲେ। ସେତିକି ନୁହେଁ ତିନିହଜାର ବର୍ଷ ଯାଏ କେବଳ ବେଲପତ୍ର ଖାଇ ସ୍ରାଷ୍ଟାଙ୍ଗ ବ୍ରତ ଅବଲମ୍ବନ କରିଥିଲେ। ଏହାପରେ ବେଲପତ୍ର ଭୋଜନ ଛାଡ଼ିଦେଇ ନିର୍ଜଳ ଓ ... ନିରାହାର ତପସ୍ୟା କଲେ। 'ପର୍ଣ୍ଣ' କହିଲେ ଖାଦ୍ୟ। ଏଣୁ ଖାଦ୍ୟ ଛାଡ଼ି ଦେବାରୁ ତାଙ୍କୁ ମ୍ଭ ଅପର୍ଣ୍ଣା ନାମରେ ଅଭିହିତ କରାଗଲା। ହଜାର ହଜାର ବର୍ଷ ବିନା ଖାଦ୍ୟରେ ତପସ୍ୟା ଫଳରେ ଶୁଖିଶୁଖି କୃଶପରି ହୋଇଗଲେ। ଏହାଦେଖି ତାଙ୍କ ମାତା ମେନା ଦୁଃଖରେ ତାଙ୍କୁ ତପସ୍ୟକୁ ବିରତ କରିବାପାଇଁ ଉଚ୍ଚ ସ୍ୱରରେ 'ଉ, ମା' ଉମା। ଏକ ଭିନ୍ନ ନାମ ଦୁର୍ଗାଙ୍କର ଉତ୍ପତି ହେଲା। ତାଙ୍କର ଏ ତପସ୍ୟାରେ ତିନିଲୋକ : ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ହାହାକାର ପଡ଼ିଗଲା। ଦେବତା, ଋଷି, ସିଦ୍ଧମୁନିଗଣ ଏପାଇଁ ତାଙ୍କ ପୁଷ୍ପାନ୍ନିଷ୍କିକଲେ ଏବଂ ସିଦ୍ଧି ଲାଭପାଇଁ ସହାୟତା ଦେଲେ, ଶେଷରେ ଭଗବାନ ବ୍ରହ୍ମା ତାଙ୍କୁ କେହିବି ଏମିତି କଠିନ ତପସ୍ୟା କରିନଥିଲେ। ଏହା କେବଳ ତୁମ୍ଭେ ସମ୍ଭବ କଲ....। ଏବେ ତପସ୍ୟାରୁ ବିରତ ହୁଅ। ତୁବେ ଶିବଙ୍କୁ ପତିରୂପେ ପାଇଛ। ଏହା ହେଉଛି ମା' ଦୁର୍ଗାଙ୍କର ଦ୍ୱିତୀୟ ରୂପ। ଏହିରୂପରେ ତାଙ୍କୁ ପୂଜାକଲେ ଭକ୍ତର ସିଦ୍ଧ ଲାଭ ହୁଏ। ଏହାଦ୍ୱାରା ଉପାସକର ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମର ବୃଦ୍ଧିଘଟେ। ଜୀବନରେ କଠିନ ସଂଘର୍ଷକାଳରେ ବି ସେ କର୍ତ୍ତବ୍ୟ – ପଥ ଓ କର୍ତ୍ତବ୍ୟ କର୍ମ କି ଧର୍ମରୁ ବିଚ୍ୟୁତ ହୁଏ ନାହିଁ। ସର୍ବତ୍ର ତା'ର ସିଦ୍ଧି ଲାଭ ହୁଏ ଏବଂ ସେ ବିଜୟୀ ହୁଏ। ଦୁର୍ଗା ପୂଜାର ଦ୍ୱିତୀୟ ବାସରେ ଏହି ରୂପରେ ଦେବୀଙ୍କୁ ପୂଜା ଓ ଆରାଧନା କରାଯାଏ। ଏହି ଚକ୍ରରେ ଅବସିତ ଯୋଗୀର ମନ, ତାକୁ ଦେବୀଙ୍କ କୃପା ତାଙ୍କ ପ୍ରତି ଭକ୍ତି ପ୍ରାପ୍ତ କରେ। ***ଦଧାନା କରପଦ ମାଭ୍ୟାମ କ୍ଷମାଲାକମଣ୍ଡଳୁ। ଦେବୀପ୍ରସୀଦତୁମୟି ବ୍ରହ୍ମାଚାରିଣ୍ୟନୁତମା।।***

## ତୃତୀୟ ଦିବସ : ଚନ୍ଦ୍ରଘଣ୍ଟା

ମା' ଦୁର୍ଗାଙ୍କର ତୃତୀୟ ସ୍ୱରୂପକୁ ଚନ୍ଦ୍ରଘଣ୍ଟା କୁହାଯାଏ। ନବରାତ୍ରି ପୂଜାର ତୃତୀୟ ଦିବସରେ ତାଙ୍କୁ ଏହି ରୂପରେ ପୂଜା ଏବଂ ଆରାଧନା କରାଯାଏ। ତାଙ୍କର ଏହି ରୂପଟି ପରମଶକ୍ତି ଦାୟକ ଓ କଲ୍ୟାଣୀକାରୀ ଅଟେ। ଏହି ରୂପରେ ମା'ଙ୍କର ମସ୍ତକରେ ଘଣ୍ଟାକାରର ଅର୍ଦ୍ଧଚନ୍ଦ୍ରଥାଏ; ଏଣୁ ତାଙ୍କୁ ଚନ୍ଦ୍ରଘଣ୍ଟା କୁହନ୍ତି। ଶରୀର ରଙ୍ଗ ସୁବର୍ଣ୍ଣର ଚମକଧରି ଚହଟୁଥାଏ; ଏହି ରୂପରେ ତାଙ୍କର ଦଶଟି ହା. ଏବଂ ଏହି ହସ୍ତମାନଙ୍କରେ ଖଡ଼୍‌ଗ ଆଦି ଶାସ୍ତ୍ର, ବାଣ ଆଦି ଅସ୍ତ୍ର ବିଭୂଷିତ ଥାଏ। ଏଠି ତାଙ୍କର ବାହନ ସିହ ଅଟେ। ଦେବୀ ଯୁଦ୍ଧ ମୁଦ୍ରାରେ ବିରାଜମାନ ଥାଆନ୍ତି। ମା'ଙ୍କର ଘଣ୍ଟର ଭୟାନକ ଚଣ୍ଡଧ୍ୱନିରେ ଅତ୍ୟାଚାରୀ ଦାନବ-ଦୈତ୍ୟ-ରାକ୍ଷସ ଓ ଦେବତାମାନେ ପ୍ରକମ୍ପିତ ହୋଇ ଉଠନ୍ତି। ତୃତୀୟ ଦିବସରେ ଦୁର୍ଗାପୂଜା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଏହିଦିନ ସାଧକର ମନ ମଣିପୁର ଚକ୍ରରେ ପ୍ରବେଶ କରେ ଏବଂ ଦେବୀଙ୍କ କୃପାରୁ ସାଧକ ଆଲୌକିକ ବସ୍ତମାନଙ୍କୁ ଦର୍ଶନକରେ। ଦିବ୍ୟ ସୁଗନ୍ଧ ଅନୁଭବ କରେ; ବିବିଧ ପ୍ରକାର ଦିବ୍ୟ ଧ୍ୱନିମାନ ମ୍ଭ ଶୁଣେ। ଏହା ସାଧକଙ୍କ ପାଇଁ ସାବଦାନ କହିବା ବେଳ। ଏହି ପ୍ରକାର କୃପା ଫଳରେ ସାଧକର ସମସ୍ତ ପାପ ଓ ବାଧମାନ ଦୂରୀଭୂତ ହୁଏ; ଆରାଧନା ଫଳପ୍ରାପ୍ତି ହୁଏ; କଷ୍ଟ ନିବାରଣ ହୁଏ; ସିଂହପରି ସାଧକ ନିର୍ଭୟ ଓ ଶକ୍ତିଶାଳୀ ହୁଏ। ଶରଣାଗତକୁ ରକ୍ଷା ନିମନ୍ତେ ଘଣ୍ଟର ଧ୍ୱନି ସଦାବେଳେ ନିନାଦିତ ଥାଏ। ଦୁଷ୍ଟମାନଙ୍କ ଦମନ ଓ ବିନାଶ କରିବା ସହ, ଏହାଙ୍କ ସ୍ୱରୂପ ଆରାଧନା ପାଇଁ ସୌମ୍ୟ ଓ ଶାନ୍ତି ପ୍ରଦାୟକ ଅଟେ। ଏହା ତାକୁ ବୀରତା, ନିର୍ଭୟତା, ବିନମ୍ରତା ଇତ୍ୟାଦି ବିକାଶରେ ସହାୟକ ହୁଏ। ତାହାର ସୁଖ, ନେତ୍ର ତଥା ଶରୀରର ସର୍ବାଙ୍ଗରେ କାନ୍ତି ଗୁଣର ବୃଦ୍ଧିଘଟାଏ। ସ୍ୱରରେ ଦିବ୍ୟ ଓ ମାଧୁର୍ଯ୍ୟତା ପ୍ରକାଶ ହୁଏ। ସେ ସାଧକର ଦର୍ଶନରେ ଯେ କୌଣସି ବ୍ୟକ୍ତି ଶାନ୍ତି ଓ ସୁଖ ଅନୁଭବ କରେ; ତା' ଶରୀରକୁ ଅଦଶ୍ୟଗୁଣର ବିକିରଣ ଘଟେ। ଏସବୁ ଦିବ୍ୟକ୍ରିୟା ସାଧାରଣ ଚକ୍ଷୁରେ କେହି ଦେଖିପାରନ୍ତି ନାହିଁ। ତେବେ ସାଧକ ଏବଂ ତା' ସଂପର୍କରେ ଆସୁଥିବା ଲୋକେ ଅନୁଭବ ନେଇପାରିବେ। ଏହି ରୂପରେ ମା'ର କୃପା ଭାଷାତୀତ। ଆମେ ଶୁଦ୍ଧ, ପବିତ୍ର ଏବଂ ବିଧି ବିଧାନ ପୂର୍ବକ ମା' ଚନ୍ଦ୍ରଘଣ୍ଟାର ଶରଣାପନ୍ନ ହେଲେ, ସେ ଆମକୁ ସମସ୍ତ ସାଂସାରିକ, କଷ୍ଟରୁ ମୁକ୍ତି କରି ତା' ପରିମପାଦରେ ଆମକୁ ଆଶ୍ରୟ ଦେବ। ଏଣୁ ସେ ପବିତ୍ର ବିଗ୍ରହ ନିରନ୍ତର ଆମ ଧାନରେ ଓ ମାନସ ପଟରେ ଥାଉ। ସେ ଆମ ଇହଲୋକ ଓ ପରଲୋକ କାଳର ସଦ୍‌ଗତି ପାଇଁ ଏକମାତ୍ର ମାର୍ଗ। ତୋର ଚରଣତଳେ ଏ ମନ ଥାଉ ମା'...।। ***ପିଣ୍ଡଜପ୍ରବରାରଢ଼ା ଚଣ୍ଡକୋପାସ୍ତକୈର୍ଦ୍ଧୁତା...***

## ଚତୁର୍ଥ ଦିବସ : ମା' କୁଷ୍ମାଣ୍ଡା

ମା' ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପରେ ସେ କୁଷ୍ମାଣ୍ଡା ଅଟନ୍ତି। ମା' ତାଙ୍କର ମନ୍ଦହାସ୍ୟରୁ ବିଶ୍ୱ ବ୍ରହ୍ମାଣ୍ଡ (ଅଣ୍ଡ) ସୃଷ୍ଟି କରିବା ଏବଂ ବଳି ରୂପେ ପାଣିକଖାରୁ (କୁଷ୍ମାଣ୍ଡ) ଗ୍ରହଣ କରୁଥିବାରୁ ତାଙ୍କୁ କୁଷ୍ମାଣ୍ଡ କୁହନ୍ତି। ଯେତେବେଳେ ସୃଷ୍ଟିର ଅସ୍ତିତ୍ୱ ନଥିଲା, ସର୍ବତ୍ର ଅନ୍ଧକାର ବିରାଜମାନ କରୁଥିଲା, ସେତେବେଳେ ମା' ଦୁର୍ଗା ତାଙ୍କର ଇଷତ୍ ବା ସ୍ମିତ ହାସ୍ୟରୁ ବ୍ରହ୍ମାଣ୍ଡର ରଚନା କରିଥିଲେ। ଅର୍ଥାତ୍ ସେ ସୃଷ୍ଟିର ଆଦି ସ୍ୱରୂପୀ ଏବଂ ଆଦ୍ୟ ଶକ୍ତିଥିଲେ। ଏହା ପୂର୍ବରୁ ବ୍ରହ୍ମାଣ୍ଡର ଅସ୍ତିତ୍ୱ ନଥିଲା। ଏ ଦେବୀଙ୍କର ବାହନ ହେଉଛନ୍ତି ବ୍ୟାଘ୍ର। ଏ ଦେବୀଙ୍କର ନିବାସ ସୂର୍ଯ୍ୟ ମଣ୍ଡଳର ଅନ୍ତଃସ୍ଥଳରେ ଅଟେ। ସୂର୍ଯ୍ୟ ମଣ୍ଡଳରେ ପ୍ରଖର ତାପ ଓ ରଶ୍ମିରେ ନିବାସ କରିବା ଶକ୍ତି କେବଳ ଦେବୀଙ୍କ ପାଖରେ ଅଛି। ଦେବୀଙ୍କର ଶାରୀରିକ କାନ୍ତି ଏବଂ ପ୍ରଭା ସୂର୍ଯ୍ୟଙ୍କ ସମ ସମପ୍ରଭ ହେତୁ ସେ ଏହି ମଣ୍ଡଳରେ ରହିପାରନ୍ତି। ସେ ବି ସୂର୍ଯ୍ୟଙ୍କର ପରି ଦେବୀସ୍ୟମାନ, ସୂର୍ଯ୍ୟସ୍ନାତା ଏବଂ ଭାସ୍କର। ତାଙ୍କର ନିଜର ତୁଳନା ସେ ନିଜେ। କୌଣସି ଦେବଦେବୀ ତାଙ୍କର ସମକକ୍ଷ ନୁହଁନ୍ତି। ତାଙ୍କରି ତେଜରେ ଏ ଦଶଦିଗ ଉଦ୍‌ଭାସିତ ଓ ପ୍ରକାଶିତ। ବ୍ରାହ୍ମାଣ୍ଡର ଯେତେ ଜଡ଼ ଜୀବଜନ୍ତୁ ଅଛନ୍ତି ସେମାନେ ଦେଉଥିବା ତେଜ ବା ଜ୍ୟୋତି ସବୁ ଏଇ ମା'ଙ୍କର କରୁଣା। ଦେବୀଙ୍କର ଆଠଭୂଜ ହେତୁ, ତାଙ୍କୁ ଅଷ୍ଟଭୂଜା ମଧ କୁହନ୍ତି। ମା'ଙ୍କର ସାତ ହାତରେ ଯଥାକ୍ରମେ କମଣ୍ଡଳୁ, ଧନୁ, ବାଣ, ପଦ୍ମପୁଷ୍ପ, ଅମୃତଭାଣ୍ଡ (କଳସ), ଚକ୍ର ଏବଂ ଗଦା ବିରାଜମାନ। ଅଷ୍ଟମ ହସ୍ତରେ ସବୁ ସିଦ୍ଧି ଓ ନିଧିର ଦେବାର ଜପାମାଳା। ନବରାତ୍ରର ଚତୁର୍ଥ ଦିବସରେ ଦେବୀଙ୍କର ଏହି ରୂପକ୍ ପୂଜା ଓ ଆରାଧନା କରାଯାଏ। ଏହିଦିନ ସାଧକର ମନ 'ଅନାହତ' ଚକ୍ରରେ ଥାଏ। ଏଣୁ ଏହିଦିନ ସାଧକ ଅତ୍ୟନ୍ତ ପବିତ୍ର ଓ ସ୍ଥିରମନରେ ଦେବୀଙ୍କ ସ୍ୱରୂପକୁ ଧାନରେ ରଖି ପୂଜା ଏବଂ ଉପାସନାରେ ବ୍ରତୀ ହେବା ଆବଶ୍ୟକ। ମା' କୁଷ୍ମାଣ୍ଡଙ୍କର ପୂଜାର ଫଳସ୍ୱରୂପ ଉପାସକ ବା ଡାକ୍ତର ସମସ୍ତ ରୋଗ ଶୋକ ବିନିଷ୍ଟ ହୁଏ। ଆୟୁ, ଯଶ, ବଳ ଏବଂ ନିରୋଗତା ବୃଦ୍ଧିହୁଏ। ଯଦି କେହି ନିର୍ମଳ ହୃଦୟରେ ଏବଂ ସତ୍‌ମନରେ ମା'ର ଶରଣାଗତ ହୁଏ, ତା' ପରମ ପ୍ରାଦ ପ୍ରାପ୍ତି ହୁଏ। ଏଇଟା ଜାଣିବା କଥା ଯେ ଆମ୍ଭେମାନେ ଶାସ୍ତ୍ର-ପୁରାଣମାନଙ୍କରେ ବର୍ଣ୍ଣିତ ବିଧି ବିଧାନ ଅନୁସାରେ ମା' ଦୁର୍ଗାଙ୍କର ଉପାସନା କରିବା ସହ ଭକ୍ତିମାର୍ଗରେ ରାତ୍ର-ଦିନ ମା'ଙ୍କୁ ଧାନରେ ରଖି ଅଗ୍ରସର ହେବା ଉଚିତ୍। ମା'ଙ୍କ ଭକ୍ତିମାର୍ଗରେ କିଛି ବି ପାଦ ଯାଉ ନ ଯାଉ ସାଧକ ନିଜେ ମା'ଙ୍କର ଆଶୀର୍ବାଦ ଲାଭ କରିଥିବାର ସକ୍ଷମ ହେବ। ଏ ଦୁଃଖ ଭରା ଜଞ୍ଜାଳମୟ ସଂସାର କେବଳ ମା'ଙ୍କ କୃପାରୁ ସୁଖତ ଓ ସୁଗମ ହୋଇପାରେ। ମା'ଙ୍କ ଉପାସନା ଓ ଭକ୍ତି କାରଣରୁ ଏ ଭବସାଗରେ ନାଆ ବାହିବା ଓ ତାକୁ ପାରିହେବା ଅତ୍ୟନ୍ତ ସହଜସାଧ ଅଟେ। ମା'ର କୃପା ସମସ୍ତ ବ୍ୟାଧି ଓ ବିପତ୍ତି ଦୂରକରି ଉପାସକକୁ ସୁଖ, ସମୃଦ୍ଧି ଓ ଉନ୍ନତି ପଥରେ ଆଗେଇ ନିଏ। ଏଣୁ ମା'ଙ୍କ କୃପାପାଇଁ ଅନ୍ତିମ ସଦାତତ୍ପର ରହିବା ଉଚିତ୍। ***ସୁରା ସଂପୂର୍ଣ୍ଣକଳଶଂ ରୁଧିରାପ୍ଲୁତ ମେବଃ/ଦଧାନା ହସ୍ତପଦମାଭ୍ୟା କୁଷ୍ମାଣ୍ଡା ଶୁଭଦାସ୍ତୁ ମେ।। ...ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।।***

## ପଞ୍ଚମ ଦିବସ : ମା' ସ୍କନ୍ଦମାତା

ମା' ଦୁର୍ଗାଙ୍କର ପଞ୍ଚମ ସ୍ୱରୂପରେ ସ୍କନ୍ଦମାତା ହିସାବରେ ସଚରାଚର ଅଭିହିତ। ଭଗବାନ ସ୍କନ୍ଦ 'କୁମାର କାର୍ତ୍ତିକେୟ' ନାମରେ ମ୍ଭ ବିଦିତ। ଦେବାସୁରମାନଙ୍କ ଯୁଦ୍ଧରେ ଦେବତାମାନଙ୍କର ସେନାପତି ଥିଲେ କାର୍ତ୍ତିକେୟ। ପୁରାଣରେ ସେ 'କୁମାର' ଏବଂ 'ଶକ୍ତିଧର' ଭାବେ ମହିମାନ୍ୱିତ। ଏହାଙ୍କର ବାହନ ମୟୂର। ସ୍କନ୍ଦଙ୍କର ମାତାଥିବାରୁ ଦୁର୍ଗାଙ୍କର ପଞ୍ଚମ ସ୍ୱରୂପରେ ତାଙ୍କୁ ସ୍କନ୍ଦମାତା କୁହାଯାଏ। ନବଦୁର୍ଗା ଉପାସନରେ ଏହାଙ୍କ ସ୍ଥାନ ପଞ୍ଚମ ଦିବସରେ ହୁଏ। ଏହିଦିନ ସାଧକର ମନ ବିଶୁଦ୍ଧ ଚକ୍ରରେ ଅବସ୍ଥିତ ରୁହେ। ଏହି ପୂଜାରେ ସ୍କନ୍ଦମାତାଙ୍କ ବିଗ୍ରହର କୋଳରେ ବାଳ ସ୍କନ୍ଦ ମଣ୍ଡନ କରିଥା'ନ୍ତି। ଏହାହିଁ ମାତୃତ୍ୱର ପ୍ରତୀକ। ଏ ରୂପରେ ତାଙ୍କର ଚାରୋଟି ଭୂଜା ଥାଏ। ଏହାଙ୍କର ଡାହାଣପଟ ଉପର ବାହୁରେ ଭଗବାନ ସ୍କନ୍ଦ କୋଳଗ୍ରତ ଥା'ନ୍ତି ଏବଂ ଡାହାଣ ପଟର ତଳ ହସ୍ତରେ ଉପରକୁ ଉଠିବାସ୍ଥାରେ ହାତରେ ପଦ୍ମଫୁଲ ଶୋଭାପାଏ। ବାଁ ପଟର ଉପରହସ୍ତ ବର ମୁଦ୍ରାରେ ଏବଂ ନିମ୍ନ ହସ୍ତରେ ଉପରକୁ ଉଠିବାସ୍ଥାରେ ସେହି ପଦ୍ମଫୁଲ ଥାଏ। ରଂଗରେ ମା' ଶୁଭ୍ର। ସେ ପଦ୍ମାସନା। ତାଙ୍କ ବାହନ ସିଂହ। ନବରାତ୍ର ପୂଜନର ପଞ୍ଚମ ଦିନରେ ଦୁର୍ଗା ପୂଜାର ପୁଷ୍କଳ ମହତ୍ୱ ଅଛି। ଏହି ଅବସ୍ଥାରେ ସାଧକର ମନ ସମସ୍ତ ବାହ୍ୟ କ୍ରିୟା ଓ ଚିତ୍ତାବୃତ୍ତିର ଲୋପ ଘଟିଥାଏ। ସେ ବିଶୁଦ୍ଧ ଚେତନ ସ୍ୱରୂପରେ ଧାବମାନ ଥାଏ। ଏହାର ମନ ସମସ୍ତ ମୌଳିକ ବା ଭୌତିକ, ସାଂସାରିକ ଓ ମାୟିକ ବନ୍ଧନରୁ ମୁକ୍ତ ଥାଏ ଏବଂ ମାତା ପଦ୍ମାସନା ସ୍ୱରୂପରେ ପୂର୍ଣ୍ଣ ଭାବରେ ତଲ୍ଲୀନ ବା ନିମଗ୍ନ ଥାଏ। ଏହି ପୂଜା ଏବଂ ଉପାସନା ନିମନ୍ତେ ସାବକଙ୍କୁ ଅନେକ ସତର୍କତା ଓ ଏକାଗ୍ରତା ଅବଲମ୍ବନ କରିବାକୁ ପଡ଼େ। ସ୍କନ୍ଦମାତା ଉପାସନାରେ ଭକ୍ତର ସମସ୍ତ ଅଭିଳାଷ ପୂର୍ଣ୍ଣ ହୁଏ। ଏମିତିକି ପରଲୋକରେ ପରମଶାନ୍ତି ଓ ସୁଖ ମିଳେ। ତା'ପାଇଁ ମୋକ୍ଷ ଦ୍ୱାର ସୁଲଭ ଓ ମୁକ୍ତ ଥାଏ। ଏହି ପୂଜାରେ ଦୁଇଟି ପୂଜା ଏକ ସମୟରେ ହୁଏ। ପ୍ରଥମତଃ ସ୍କନ୍ଦମାତାଙ୍କର ଏବଂ ଦ୍ୱିତୀୟତଃ ତାଙ୍କ କୋଳଶ୍ରିତ ବାଳୁତ ଭଗବାନ ସ୍କନ୍ଦଙ୍କର। ଏଥିପାଇଁ ସ୍କନ୍ଦମାତାଙ୍କ ଉପାସନା ପ୍ରତି ବିଶେଷ ଧାନ ଦିଆଯାଇଥାଏ। ସ୍କନ୍ଦମାତା ସୂର୍ଯ୍ୟ ମଣ୍ଡଳାଧୀଶ ଦେବୀ ହେତୁ ତାଙ୍କ ଭକ୍ତ ଓ ଉପାସକମାନେ ଆଲୌକିକ ତେଜର ଅଧିକାରୀ ଥାଆନ୍ତି ଏବଂ ନିଜସ୍ୱ କ୍ରାନ୍ତିରେ ଝଟକନ୍ତି। ସେମାନଙ୍କ ଚତୁଃପାର୍ଶ୍ୱରେ ଏକ ଅଦୃଶ୍ୟ ଆଲୌକିକ ପ୍ରଭାମଣ୍ଡଳ ବିରାଜମାନ କରୁଥାଏ ଏବଂ ଏହା ତାଙ୍କର ଯୋଗକ୍ଷମତା ନିର୍ବହନ କରୁଥାଏ। ଏଣୁ ଏକାଗ୍ରତା ଭାବେ ମନକୁ ପବିତ୍ର ରଖି ମା'ଙ୍କର ଶରଣାପନ୍ନ ହେବା ଉଚିତ୍। ଏହି ଭବସାଗରରୁ ମୁକ୍ତି ପାଇବାକୁ ହେଲେ ମା'ଙ୍କର ଶରଣବିନା ଭିନ୍ନ ପନ୍ଥା ଆଉ କିଛି ନାହିଁ। ***ସିଂହାସନ ଗତା ନିତ୍ୟଂ ପଦ୍ମାଶ୍ରିତ କରଦ୍ୱୟା/ଶୁଭଦାସ୍ତୁ ସଦା ସଦାଦେବୀ ସ୍କନ୍ଦମାତା ଯଶସ୍ୱିନୀ। ... ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।।***



## ଷଷ୍ଠ ଦିବସ : କାତ୍ୟାୟନୀ

ମା' ଦୁର୍ଗାଙ୍କର ଷଷ୍ଠ ସ୍ୱରୂପରେ ସେ କାତ୍ୟାୟନୀ। ତାଙ୍କୁ ଏପରି କହିବାର ଏକ କାହାଣୀ ଅଛି। କତନାମକ ଜଣେ ପ୍ରସିଦ୍ଧ ମହର୍ଷଥିଲେ। ତାଙ୍କର ପୁତ୍ର ବି ଜଣେ ଋଷି ଥିଲେ। ସେ ହେଉଛନ୍ତି କାତ୍ୟ। ଏହି କାତ୍ୟଙ୍କ ଗୋତ୍ରରେ ବିଶ୍ୱ ପ୍ରସିଦ୍ଧ ମହର୍ଷି କାତ୍ୟାୟନ ଜନ୍ମ ନେଲେ। ସେ ଭଗବତୀ ପରମ୍ୱାଙ୍କର ଉପାସନାରେ ବହୁତ ବର୍ଷ କଠିନ ଜୀବନରେ କଟାଇଥିଲେ। ତାଙ୍କର ଇଚ୍ଛା ଥିଲା ଯେ ମା' ଭଗବତୀ ତାଙ୍କ କୋଳରେ କନ୍ୟାରୂପେ ଜନ୍ମ ନିଅନ୍ତୁ। ମା' ଭଗବତୀ କହିଲେ : ତଥାସ୍ତୁ। କିଛି କାଳପରେ ଦୈତ୍ୟରାଜ ମହିଷାସୁରର ଅତ୍ୟାଚାରରେ ଧରିତ୍ରୀ ମାତା ଆର୍ତ୍ତ ଚିତ୍‌କାର କଲା। ପାପା ଭାର ବଢ଼ିଗଲା। ଏଣୁ ଭଗବାନ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନିଜର ତେଜରୁ କିଛି କିଛି ଅଂଶର ସହାୟତାରେ ଏକ ଦେବୀଙ୍କର ସୃଷ୍ଟି କଲେ। ମହର୍ଷି କତ୍ୟାୟନ ସର୍ବପ୍ରଥମେ ଏହାଙ୍କ ପୂଜା କରିଥିବାରୁ ତାଙ୍କ ନାମାନୁସାରେ ସେ ହେଲେ କାତ୍ୟାୟନୀ। ଏହା ପ୍ରମାଣ କରେ ଯେ ମା' ଦୁର୍ଗା ତାଙ୍କର କନ୍ୟା ରୂପରେ ତାଙ୍କ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଜନ୍ମ ନେଇଥିଲେ। ତାଙ୍କର ଜନ୍ମ ହୋଇଥିଲା ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ଦିନ; କିନ୍ତୁ ସେ କାତ୍ୟାୟନଙ୍କ ଦ୍ୱାରା ଆଶ୍ୱିନ ଶୁକ୍ଲ ସପ୍ତମୀ, ଅଷ୍ଟମୀ ଏବଂ ନବମୀ ଧରି ତିନିଦିନ ପୂଜା ପାଇଲାପରେ ଦଶମୀ ଦିନ ମହିଷାସୁରକୁ ବଧ କରିଥିଲେ। ମା' କାତ୍ୟାୟନୀ ଅମୋଘ ଫଳଦାତ୍ରୀ ଅଟନ୍ତି। ଭଗବାନ କୃଷ୍ଣଙ୍କୁ ପତିରୂପେ ପାଇବା ନିମନ୍ତେ ଗୋପିମାନେ ତାଙ୍କ ପୂଜା କାଳିନ୍ଦୀ ଯମୁନା ତଟରେ କରିଥିଲେ। ସେ ହେଉଛନ୍ତି ବ୍ରଜର ଅଧିଷ୍ଠାତ୍ରୀ ଦେବୀ। ସେ ତାଙ୍କ ସ୍ୱରୂପରେ ଭବ୍ୟ ଏବଂ ଦିବ୍ୟ ଅଟନ୍ତି। ଏହାଙ୍କ ରଙ୍ଗ ସୁବର୍ଣ୍ଣ ପରି ଚମକପ୍ରଦ ଓ ଭାସ୍କର। ଏ ଦେବୀ ଚତୁର୍ଭୁଜା। ଏହାଙ୍କର ବାମପଟେ ଉପର ହସ୍ତରେ ତଲୱାର ଏବଂ ତଳ ହସ୍ତରେ ପଦ୍ମପୁଷ୍ପ ଏବଂ ଦକ୍ଷିଣପଟ ଉପର ହସ୍ତରେ ଅଭୟଗ୍ରହ ଓ ନିମ୍ନହସ୍ତ ବିରମୁଦ୍ରାରେ ଥାଏ। ଦେବୀଙ୍କ ବାହନ ସିଂହ ଅଟନ୍ତି। ଦୁର୍ଗା ପୂଜାର ଷଷ୍ଠଦିନ ଦେବୀ ଏହି ରୂପରେ ପୂଜା ପାଆନ୍ତି। ଏହିଦିନ ସାଧକର ମନ ଆଜ୍ଞାଚକ୍ରରେ ସ୍ଥିର ଥାଏ। ଯୋଗସାଧନାରେ ଏହି ଆଜ୍ଞାଚକ୍ର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ। ଏହି ଚକ୍ରରେ ସାଧକ ନିଜର ସମସ୍ତ ଦେହ ଓ ମନ ଦେବୀଙ୍କ ଚରଣତଳେ ସମର୍ପିତ କରିଥାଏ। ପରିପୂର୍ଣ୍ଣ ଭାବେ ଆତ୍ମ ସମର୍ପଣ କରିଥିବା ଯେ କୌଣସି ଭକ୍ତ ମା' କାତ୍ୟାୟନୀଙ୍କର ସହଜରେ ଦର୍ଶନ ପାଇଥାଏ ଏବଂ ତା'ର ଧର୍ମ, ଅର୍ଥ, କାମ, ମୋକ୍ଷ – ଚାରିବର୍ଗର 'ଳପ୍ରାପ୍ତି ହୋଇଥାଏ। ସେ ଏ ମର୍ତ୍ତ୍ୟଲୋକରେ ଥାଇ ବି ଆଲୌକିକ ତେଜ ଏବଂ ପ୍ରଭାବ ଯୁକ୍ତଥାଏ। ତା'ର ରୋଗ, ଶୋକ, ସଂତାପ, ଭୟ ଇତ୍ୟାଦି ସର୍ବଦା ଦୂରୀଭୂତ ଥାଏ; ତାର ଜନ୍ମ ଜନ୍ମାନ୍ତର ପାପର ଅନ୍ତ ଘଟେ। ମା'ଙ୍କର ଉପାସକ ନିରନ୍ତର ତାଙ୍କର ସାନ୍ନି ପାଇ ଶେଷରେ ପରମପାଦର ଅଧିକାର ହୁଏ। ଆସନ୍ତୁ, ମା'ଙ୍କର ଶରଣାପନ୍ନ ହେବା। ***ଚନ୍ଦ୍ର ହାସୋ ଉଜ୍ୱାଳାକରା ଶାର୍ଦ୍ଦୂଳ ବରବାହିନୀ, କାତ୍ୟାୟନୀ ଶୁଭଂ ଦ୍ଦ୍ୟା ଦେବୀ ଦାନବଘାତିନୀ।।***

## ସପ୍ତମ ଦିବସ : କାଳରାତ୍ରି

ମା' ଦୁର୍ଗାଙ୍କର ସପ୍ତମ ରୂପ ହିଁ କାଳରାତ୍ରୀ। ଏହି ରୂପରେ ତାଙ୍କ ଶରୀର ରଙ୍ଗ ଘନ ଅନ୍ଧକାର ବି କଳା। ମୁଣ୍ଡର ବାଳ ବିଧୂଷିତ ଏବଂ ବିକ୍ଷିପ୍ତ ଉଡ଼ନ୍ତୀୟମାନ। ଗଳାରେ ବିଦ୍ୟୁତ୍ ସମ ଚମକୁ ଥିବା ଲମ୍ବିତ ମାଳା। ଏହାଙ୍କର ତ୍ରିନୋଟି ନେତ୍ର। ତିନୋଟି ଯାକ ନେତ୍ର ବ୍ରହ୍ମାଣ୍ଡ ପରି ବର୍ତ୍ତୁଳାକାର। ଏଥିରୁ ବିଦ୍ୟୁତ୍ ସମ ପ୍ରଭା ବରାବର ନିର୍ଗତ ହୁଏ। ଏହି ରୂପରେ ତାଙ୍କ ନାସିକାରେ ପ୍ରବାହିତ ଶ୍ୱାସ ଓ ପ୍ରଶ୍ୱାସ ବହିର୍ଗତ ବେଳେ ଅଗ୍ନିଙ୍କ ସମ ଜ୍ୱାଳାମୟୀ ଏବଂ ଭୟଙ୍କର। ଏହାଙ୍କର ବାହ ଗର୍ଦ୍ଦଭ ବା ଗଧ, ମାତା ଚତୁର୍ଭୁଜା। ଉପର ଉଠିଥିବା ଡାହାଣ ହାତଟି ବରମୁଦ୍ରାରେ ସମସ୍ତଙ୍କୁ ବର ପ୍ରଦାନ କରେ ଓ ଡାହାଣ ପଟ ନିମ୍ନହାତଟି ଅଭୟ ମୁଦ୍ରାରେ ଥାଏ। ବାମ ହାତର ଉପର ହାତରେ ଲୁହାର କଣ୍ଟା ଏବଂ ତଳ ହସ୍ତରେ ଖଡ଼୍‌ଗ ବିରାଜୁଥାଏ। ମା'ଙ୍କର ଏହି କାଳରାତ୍ରୀ ସ୍ୱରୂପ ଅତ୍ୟନ୍ତ ଭୟଙ୍କର। କିନ୍ତୁ ମା' ସତରେ ଶୁଭପ୍ରଦାୟିନୀ। ଏଣୁ ମା'ଙ୍କର ଅନ୍ୟନାମ ଶୁଭଙ୍କରୀ ଅଟେ। ଏପରିସ୍ଥଳେ ମା'କୁ ଭୟ କରିବାର କୌଣସି କାରଣ ନାହିଁ। ଦୁର୍ଗାପୂଜାର ସପ୍ତମଦିନ ମା' କାଳରାତ୍ରୀଙ୍କ ପୂଜା ଏବଂ ଉପାସନା କରାଯାଏ। ଏହିଦିନ ସାଧକର ମନ ସହସ୍ରାର ଚକ୍ରରେ ସ୍ଥିର ଥାଏ। ଏଥିପାଇଁ ବ୍ରହ୍ମାଣ୍ଡର ସମସ୍ତ ସିଦ୍ଧିହାସଲ ପାଇଁ ଦ୍ୱାର ମୁକ୍ତ ଥାଏ। ଏହି ଚକ୍ରରେ ସାଧକରମ ନ ସଂପୂର୍ଣ୍ଣ ଭାବରେ, କାଳରାତ୍ରିଙ୍କ ସ୍ୱରୂପରେ ନିବଦ୍ଧ ଏବଂ ଆବଦ୍ଧ ଥାଏ। ସେ ସମସ୍ତ ସକାରାତ୍ମକ ପୁଣ୍ୟ ଫଳର ଅଂଶୀଦାର ଥାଏ। ତା'ର ସମସ୍ତ ପାପ ବିନାଶ ହୁଏ। ତାକୁ ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୁଏ। ମା' କାଳରାତ୍ରି ଦୁଷମନଙ୍କର ବିନାଶକାରୀ ଦେବୀ ଅଟନ୍ତି। ମା'ର ସ୍ମରଣ ମାତ୍ରେ ହିଁ ଦୁଷ୍ଟ ଦାନବ, ଦୈତ୍ୟ ରାକ୍ଷସ, ଭୂତ, ପ୍ରେମ ଏବଂ ସମସ୍ତ ଅନିଷ୍ଟକାରକ କାରଣମାନେ ଭୟଭୀତ ହୋଇ ଦୂରେଇ ଯାଆନ୍ତି। ଏଦେବୀ ମ୍ଭ ଗ୍ରହ ଓ ବ୍ୟାଧିମାନଙ୍କର ଯମ ସଦୃଶ।। ଏ ଦେବୀଙ୍କର ଉପାସକକୁ ଅଗ୍ନି, ଜଳ, ଜନ୍ତୁ, ଶତ୍ରୁ କି ରାତ୍ରି ଭୟ ବୋଲି କିଛି ଭୟ ବୋଲି ନଥାଏ। ମା'ର କୃପାରେ ବା ଉପାସକ ଏକ ନିଶ୍ଚିତ ଓ ନିଶ୍ଚିନ୍ତ ଭୟମୁକ୍ତ ଜୀବନ ଯାପନ କରେ। ମା' କାଳରାତ୍ରିଙ୍କର ସ୍ୱରୂପ ବିଗ୍ରହକୁ ପ୍ରଥମେ ଭକ୍ତ ବା ଉପାସକ ହୃଦୟରେ ସ୍ଥାପନ କରିବା ଉଚିତ୍। ତା'ପରେ ନଷ୍ଟ ଚିତ୍ତରେ ଏବଂ ଏକାଗ୍ରତ ସହ ମା'ର ଉପାସନା କରିବା ଉଚିତ୍। ଏଥିରେ ଜପ, ନିୟମ ଏବଂ 'ଯମକୁ ପୂର୍ଣ୍ଣମାତ୍ରାରେ ପାଳନ କରିବାକୁ ହୁଏ। ମନ, ବଚନ ଏବଂ କାୟାରେ ଶୁଦ୍ଧତା ବା ପବିତ୍ରତା ରଖିବାକୁ ହୁଏ। କାଳରାତ୍ରି ବାହାରି କାଳ ନୁହଁନ୍ତି। ତେବେ ଦୈତ୍ୟ, ଦାନବ ଦୁଷ୍ଟଙ୍କ ପାଇଁ ମାରଣ ଓ ମରଣର ଅସ୍ତ୍ର ଅଥଚ ତା' ଭକ୍ତ, ଉପାସକ ତଥା ତାକୁ ସମର୍ପିତ ବ୍ୟକ୍ତିମାନଙ୍କ ପାଇଁ ସେ କେତେ ଶୁଭଙ୍କରୀ। ଆସନ୍ତୁ, ମା'ଙ୍କୁ ସ୍ମରଣ କରିବା ଏବଂ ତାଙ୍କର ଶରଣଯିବା। ***ଏକ ବେଣୀ ଜପାକର୍ଣ୍ଣପୁରା ନଗ୍ନା ଖରସ୍ଥିତା। ଲମ୍ବୋଷ୍ଠୀ କର୍ଣ୍ଣକାକର୍ଣ୍ଣୀ ତୈଳାଭକ୍ତ ଶରୀରିଣୀ। ବାମ ପାଦୋ ଲ୍ଲସ ଲ୍ଲୋହଲତା କଣ୍ଟକ ଭୂଷଣା। ବର୍ଦ୍ଧନମୂଧ ଧ୍ୱଜା କୃଷ୍ଣା କାଳରାତ୍ରି ଭୟଙ୍କରୀ। ...ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।।***

## ଅଷ୍ଟମ ଦିବସ : ମହାଗୌରୀ

ମା' ଦୁର୍ଗାଙ୍କର ଅଷ୍ଟମ ସ୍ୱରୂପରେ ମହାଗୌରୀ ରୂପ ଖ୍ୟାତି ଅଟନ୍ତି। ସେ ବର୍ଣ୍ଣରେ ଗୋରୀ। ଏହି ଗୌରତାର ଉପମା ଶଙ୍ଖ, ଚକ୍ର ଏବଂ କୁନ୍ଦୁଫୁଲ ସହ ତୁଳନୀୟ ଅଟେ। ମା'ଙ୍କ ଆୟୁକାଳ ମାତ୍ର ଆଠବର୍ଷ ଥିଲା। "ଅଷ୍ଟବର୍ଷା ଭବେତ୍ ଗୌରୀ"। ମା'ଙ୍କର ସମସ୍ତ ବ୍ୟବହର୍ଯ୍ୟ ପଦାର୍ଥ ବିଶେଷକରି ବସ୍ତ୍ର ଏବଂ ଅଳଙ୍କାର ବି ଗୌର ବା ଶ୍ୱେତବର୍ଣ୍ଣର ଅଟେ। ମା'ଙ୍କର ଚାରୋଟି ଭୁଜ। ଏ ଦେବୀଙ୍କର ବାହନ ବୃଷଭ। ମା'ଙ୍କର ଡାହାଣପଟର ଉପରହସ୍ତ ଅଭୟ ମୁଦ୍ରାବେଳେ ନିମ୍ନ ହସ୍ତରେ ତ୍ରିଶୂଳ ବିରାଜୁଥାଏ। ମା'ଙ୍କ ବାମପଟର ଉପର ହସ୍ତରେ ଡମ୍ବରୁ ଏବଂ ନିମ୍ନ ହସ୍ତଟି ବରମୁଦ୍ରାରେ ଥାଏ। ଏହି ରୂପରେ ଦେବୀ ଅତ୍ୟନ୍ତ ଶାନ୍ତ। ଏ ଦେବୀ ତାଙ୍କ ପାର୍ବତୀ ରୂପରେ ଭଗବାନ ଶିବଙ୍କୁ ପାଇବା ନିମନ୍ତେ କଠୋର ତପସ୍ୟା କରିଥିଲେ। ତାଙ୍କର ବ୍ରତ ବରବଂଶମ୍ଭୁଂ ନାନ୍ୟଂ ଦେବଂ ମହେଶ୍ୱରାତ୍ (ନାରଦ ପାଞ୍ଚରାତ୍ର)। ଏହିକଥା ଗୋସ୍ୱାମୀ ତୁଳସୀ ଦାସ ମଧ କହିଛନ୍ତି: ଜନ୍ମକୋଟି ଲାଗି ରଗର ହମାରୀ, ବରଭଁ ଶମ୍ଭୁ ନ ତ ରହଭଁ କୁଁଆରୀ। ଏହି କଠୋର ତପସ୍ୟାର କାରଣରୁ ତାଙ୍କ ରଂଗ କଳା ପଡ଼ିଗଲା। ଭଗବାନ ଶିବ ଯେତେବେଳେ ତାଙ୍କୁ କୃପାକଲେ ଏବଂ ପତ୍ନୀସ୍ୱରୂପ ଗ୍ରହଣ କଲେ, ସେତେବେଳେ ସେ ଗଙ୍ଗାଜଳରେ ପ୍ରଥମେ ତାଙ୍କ କଳା ଶରୀରକୁ ଧୋଇଦେଲେ। ବାସ୍, ସେ ପାଲଟି ଗଲେ ଗୋରୀ। ତହିଁରୁ ମହାଗୌରୀ। ଦୁର୍ଗାପୂଜାର ଅଷ୍ଟମୀଦିନ ମହାଗୌରୀଙ୍କ ପୂଜା କରାଯାଏ। ଏହାଙ୍କ ଶକ୍ତି ଅମୋଘ ଏବଂ ସଦ୍ୟ ଅର୍ଥାତ୍ ତତ୍‌କାଳିକ। ତାଙ୍କ ଉପାସନାରେ ଭକ୍ତର ସବୁ କଳମଷ ଦୂର ହୁଏ। ପୂର୍ବ ପାପ ବିନଷ୍ଟ ହୁଏଲ ଏବଂ ଭବିଷ୍ୟତରେ ଅନୁରୂପ ପାପ-ସନ୍ତାପ ଦୈନ୍ୟ ଦୁଃଖ ତା ପାଖ ପଶେ ନାହିଁ। ସେ ସବୁ ପ୍ରକାର ପର୍ବତ ଓ ଅକ୍ଷୟ ପୁଣ୍ୟ ପାପ ମା' ଗୌରୀଙ୍କ ଧାନ ସ୍ମରଣ, ପୂଜନ- ଆରାଧନା ଉପାସକ ପାଇଁ କଲ୍ୟାଣକାରୀ ଅଟେ। ଏଣୁ ସେ ଆମର ଧନ୍ୟ। ତାଙ୍କ କରୁଣାରୁ ଆଲୌକିକ ସିଦ୍ଧି ଲାଭ ହୁଏ। ସେ ଭକ୍ତଙ୍କ କଷ୍ଟ ଦୂର କରନ୍ତି। ତାଙ୍କ ଉପାସନାରୁ ଆର୍ତ୍ତ ଜନଙ୍କର ଅସମ୍ଭବ ଫଳ ପ୍ରାପ୍ତି ହୁଏ। ସେ ଯାଚକର ସମସ୍ତ ଅସତ୍ ପ୍ରବୃତ୍ତିକୁ ବିନାଶ କରି ସତ୍ ପ୍ରବୃତ୍ତିରେ ପରିପୂର୍ଣ୍ଣ କରନ୍ତି। ସେ ଆମ ପାଇଁ ସଦା ବର୍ତ୍ତମାନ। ଆସନ୍ତୁ ତାଙ୍କର ଶରଣ ଯିବା। ***ରବେତେ ବୃଷେ ସମାରୂଢ଼ା ଶ୍ୱେତାମ୍ବର ଧରା ଶୁଚିଃ। ମହାଗୌରୀ ଶୁଭଂ ଦ୍ଦ୍ୟାନ୍ନ ହାଦେବ ପ୍ରମୋଦଦା।।***

## ନବମ ଦିବସ : ସିଦ୍ଧିଦାତ୍ରୀ

ମା' ଦୁର୍ଗାଙ୍କର ନବମ ସ୍ୱରୂପରେ ସିଦ୍ଧିଦାତ୍ରୀ ଭାବେ ଅଭିହିତ। ତାଙ୍କ ନାମକରଣରୁ ତାଙ୍କ କାର୍ଯ୍ୟାବଳୀ ସଂପର୍କରେ ଜଣାପଡ଼େ। ମାର୍କେଣ୍ଡେୟ ପୁରାଣ ମତେ ଏ ଦେବୀ ଆଠ ପ୍ରକାର ସିଦ୍ଧି ଯଥା ଅଣିମା ମହିମା, ଗାରିମା, ଲଘିମା, ପ୍ରାପ୍ତି ପ୍ରାକାବ୍ୟ, ଇଶିତ୍ୱ ଏବଂ ବଶିତ୍ୱର ଅଧିକାରିଣୀ ଅଟନ୍ତି। ଯାହାକି ସେ ତାଙ୍କ ଉପାସକମାନଙ୍କୁ ମଞ୍ଜୁରି କରିଥା'ନ୍ତି। ବ୍ରହ୍ମ ବୈବର୍ତ୍ତ ପୁରାଣ ଶ୍ରୀକୃଷ୍ଣ ଜନ୍ମଖଣ୍ଡ ଅନୁସାରେ ଏହା ଅଠର ପ୍ରକାରର ଯଥା ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାବ୍ୟ, ମହିମା, ଈଶ୍ୱିତ୍ୱ, ବାଶିତ୍ୱ, ସର୍ବକାମବସାୟିତା, ସର୍ବଜ୍ଞତ୍ୱ, ଦୂର ଶ୍ରବଣ, ପରକାୟ, ପ୍ରବେଷଣ, ବାକ୍‌ସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି ସଂହାର କରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ ଭାବନା ଏବଂ ସିଦ୍ଧି। ଏଣୁ ମା' ସିଦ୍ଧିଦାତ୍ରୀ ତାଙ୍କ ଭକ୍ତ ଓ ଉପାସକମାନଙ୍କୁ ସବୁକିଛି ପ୍ରାପ୍ତି କରାଇବାରେ ସମର୍ଥ। ଏହା ଭଗବାନ ଶିବଙ୍କର ମା'ଙ୍କ ପ୍ରତି ଦୟା। ତାଙ୍କରି କାରଣରୁ ଶିବଙ୍କର ଅର୍ଦ୍ଧେକ ଶରୀର ଦେବୀଙ୍କର ଥିଲା। ଏଣୁ ଶିବଙ୍କୁ ଏହି କାରଣରୁ ଅର୍ଦ୍ଧନାରୀଶ୍ୱର ବୋଲି କୁହାଯାଏ। ଏ ଦେବୀଙ୍କର ଚାରୋଟିଭୂଜ। ତାଙ୍କର ବାହନ ସିଂହ ଏବଂ ସେ ପଦ୍ମଫୁଲ ଉପରେ ଆସୀନ। ଏହାଙ୍କର ଡାହାଣପଟ ଉପରେ ହସ୍ତରେ ଗଦା ଓ ନିମ୍ନହସ୍ତରେ ଚକ୍ର ଏବଂ ବାମପଟ ଉପର ହସ୍ତରେ ପଦ୍ମପୁଷ୍ପ ଓ ତଳହସ୍ତରେ ଶଙ୍ଖ। ନବଦୁର୍ଗା ପୂଜାନର ନବମ ଦିନରେ ମା'ଙ୍କୁ ଏହି ବିଗ୍ରହରେ ପୂଜା ଏବଂ ଆରାଧନା କରାଯାଏ। ତେବେ ସଂପୂର୍ଣ୍ଣ ପବିତ୍ରତା ଓ କାଷ୍ଠାର ସହିତ ଏହା କରିବାକୁ ହୁଏ। ଏହି ପୂଜାରେ ମା'ଙ୍କ ଆଶୀର୍ବାଦ ପ୍ରାପ୍ତି ହେଲେ ସୃଷ୍ଟିର ସବୁକିଛି ପ୍ରାପ୍ତି କରିହୁଏ ଏବଂ ବ୍ରହ୍ମାଣ୍ଡ ବିଜୟ କରିହୁଏ। ଏଣୁ ମା'ଙ୍କ କୃପାପାଇଁ ପ୍ରତ୍ୟେକ ପ୍ରଯନ୍ କରିବା ଉଚିତ୍। ଏ ଦେବୀଙ୍କ ଉପାସକକୁ ଦୁଃଖରୁ ନିର୍ଲିପ୍ତ ରଖି ସୁଖପ୍ରଦାନ କରେ ଏବଂ ଅନ୍ତିମେ ମୋକ୍ଷ ପ୍ରାପ୍ତି ନିମନ୍ତେ ପଥ ସୁଗମ କରେ। ନବଦୁର୍ଗା ପୂଜନରେ ସିଦ୍ଧିଦାତ୍ରୀ ହେଉଛନ୍ତି ଅନ୍ତିମ ଦୁର୍ଗା। ତାଙ୍କ ବିନା ପୂର୍ବ ଅଷ୍ଟଦୁର୍ଗାଙ୍କ ଦ୍ୱାରା ପ୍ରଦତ୍ତସିଦ୍ଧି ସଂପୂର୍ଣ୍ଣ ଫଳବତୀ ହୋଇପାରେ ନାହିଁ। ଏ ଦେବୀ ସକଳ ଆଲୌକିକ ଏବଂ ଲୌକିକ କାମନାକୁ ତାଙ୍କ ଉପାସକ ବା ସାଧକଙ୍କୁ ପୂର୍ଣ୍ଣ କରାନ୍ତି। ସେ ହେଉଛନ୍ତି ତାଙ୍କ ଭକ୍ତର ଆଶାର ପରିପୂର୍ଣ୍ଣ କୁମ୍ଭ। ତାଙ୍କ କରଣାରୁ ସମସ୍ତ ବିଷୟ-ଭୋଗ-ଶୁନ୍ୟ ହୁଏ। ଯିଏ ମା'ର ଆଶୀର୍ବାଦ ପାଏ, ସେ ପରମ ପାଦ ଛୁଏଁ । ତା' ପାଇଁ ସମସ୍ତ ପାର୍ଥିବ ପଦାର୍ଥର ଆଉ ଆବଶ୍ୟକତା କ'ଣ ବା ଥାଏ ? ଆସନ୍ତୁ ମା'ଙ୍କର କରୁଣାପାଇଁ ନିୟମନଷ୍ଟ ସାଧନା କରିବା; ତାଙ୍କୁ ଧାନ, ସ୍ମରଣ, ପୂଜନ ଏବଂ ଉପାସନା କରିବା। ଏ ଦେହ, ଏ ମନ, ଏ ପ୍ରାଣ-ସକଳକୁ ତାଙ୍କ ପାଖରେ ନିସର୍ତ୍ତ ସମର୍ପଣ କରିଦେବା। ***ସିଦ୍ଧ ଗନ୍ଧର୍ବଯକ୍ଷା ଦୌର ସୁରୈ ରମରୈରପି। ସେବ୍ୟମାନା ସଦା ଭୂୟାତ୍ ସିଦ୍ଧିବା ସିଦ୍ଧିଦାୟିନୀ।***

**ବିପିନବିହାରୀ ମହାନ୍ତି,**
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮




# ଚାଷୀ ହତ୍ୟା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମୌନ ପ୍ରତିବାଦ

ଭୁବନେଶ୍ୱର : କେନ୍ଦ୍ର ସରକାର ପ୍ରଣୀତ କରିଥିବା ତିନିଗୋଟି କଳା କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଉତର ପ୍ରଦେଶର ଲଖିମପୁର ଖେରି ଠାରେ ବିକ୍ଷୋଭ କରୁଥିବା ଚାଷୀମାନଙ୍କୁ ଗାଡ଼ି ଚପାଇ ବର୍ବରୋଚିତ ଭାବେ ହତ୍ୟା କରିବା ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୌନବ୍ରତ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ରାଜଭବନ ଛକ ଠାରେ ଏହି ମୌନବ୍ରତ ପ୍ରତିବାଦ କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦିବା ୧୧ ଘଂଟା ଠାରୁ ୧ ଘଂଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କୃଷକମାନେ ହେଉଛନ୍ତି ଦେଶର ଅନ୍ନଦାତା। ଏହି ଅନ୍ନଦାତାମାନଙ୍କୁ ଯେଭଳି ନିଷ୍ଠୁର ଭାବରେ ହତ୍ୟା କରାଗଲା ତାହା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ନିନ୍ଦନୀୟ। ଏହି ଘଟଣାରେ ଆମେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। କଂଗ୍ରେସ ଦଳ ସର୍ବଦା ଅନ୍ନଦାତା ମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଛି ଓ ଆଜି ମଧ୍ୟ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡା ହୋଇଛି। ଯେପର୍ଯ୍ୟନ୍ତ ଏହି ଆଇନ ସରକାର ପ୍ରତ୍ୟାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ତାର ସଂଗ୍ରାମ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ନକୁଳ ନାୟକ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କିଶୋର ଜେନା, ଦେବାଶିଷ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଅନୁଲେଖା ବୋଷା, ଜ୍ଞାନଦେବ ବେଉରା, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଲିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ୍ୟ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ:ଡକ୍ଟର କଲାମ



**ଅକ୍ଷୟ କୁମାର ରାଉତ**

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ। କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମାନିକ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜି ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ। ୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଅଫ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅଫ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ। ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## କାଶ୍ମୀରରେ ହିନ୍ଦୁମାନଙ୍କୁ ହତ୍ୟା ପ୍ରତିବାଦରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର: କାଶ୍ମୀରରେ ହିନ୍ଦୁ ମାନଙ୍କୁ ହତ୍ୟା କରାଯାଉଛି। ଆତଙ୍କବାଦୀଙ୍କ ଦ୍ୱାରା ପାକିସ୍ତାନ ଏଭଳି କାର୍ଯ୍ୟ କରି ଚାଲିଛି। ପାକିସ୍ତାନର ଏହା ପ୍ରାୟୋଜିତ କାର୍ଯ୍ୟକ୍ରମ। ଏହାକୁ ବିରୋଧ କରି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାରା ଦେଶର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ଶନିବାର ଦିନ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଠାରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ କୁଶପୁତଳିକା ଦାହ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମହାମନ୍ତ୍ରୀ ମିଲିନ୍ଦ ପରାଣ୍ଡେ କହିଛନ୍ତି ଯେ ସରକାର ଜିହାଦୀ ଆତଙ୍କବାଦ ଉପରେ ଲଗାମ ଲଗାଇବା ପାଇଁ ପାକିସ୍ତାନକୁ କଠିନ ଶିକ୍ଷା ଦେଉ ତଥା ହିନ୍ଦୁମାନଙ୍କର ପୁନର୍ବାସ ଏବଂ ଘାଟିରେ ତାଙ୍କର ସ୍ୱଚ୍ଛନ୍ଦ ବିଚରଣ ପାଇଁ ଉଚିତ୍ ବ୍ୟବସ୍ଥା କରୁ ।

# ପୂଜା ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ଗଡିବ ୫ଟି ବିଶେଷ ଟ୍ରେନ୍

ଭୁବନେଶ୍ୱର: ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ଆଗାମୀ ପର୍ବପର୍ବାଣିରେ ଯାତ୍ରୀମାନଙ୍କ ଅତିରିକ୍ତ ପ୍ରତିକ୍ଷା ସୂଚୀକୁ ଏଡ଼ାଇବାପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ୫ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ବ୍ୟବସ୍ଥା କରାଯାଇଛି । ପୁରୀ-ପାଟନା-ପୁରୀ ସ୍ୱେଶାଲ୍ (ଟ୍ରେନ୍ ନଂ ୦୮୪୩୯/୦୮୪୪୦) ଟ୍ରେନ୍ ୧୬ ଅକ୍ଟୋବର ରୁ ୩୧ ଅକ୍ଟୋବର ମଧ୍ୟରେ ପ୍ରତି ଶନିବାର ଦିନ ପୁରୀରୁ ଅପରାହ୍ନ ୨ଘ.୫୫ମି.ରେ ଛାଡିବ ଏବଂ ଫେରିବା ଦିଗରେ, ଏହା ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୧ଘ.୪୫ମି.ରେ ପାଟନାରୁ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ୱେଶାଲ୍ (ଟ୍ରେନ୍ ନଂ ୦୮୫୭୯/୦୮୫୮୦) ଟ୍ରେନ୍ ୧୩ ଅକ୍ଟୋବର ରୁ ୨୮ ଅକ୍ଟୋବର ମଧ୍ୟରେ ପ୍ରତି ବୁଧବାର ଦିନ ବିଶାଖାପାଟନମ୍ ଠାରୁ ସନ୍ଧ୍ୟା ୭ ଘଟିକାରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ସିକନ୍ଦରାବାଦ ଠାରୁ ପ୍ରତି ଗୁରୁବାର ଦିନ ସନ୍ଧ୍ୟା ୭ଘଣ୍ଟା ୪୦ମି.ରେ ଛାଡିବ । ଏହି ଟ୍ରେନରେ ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ତିରୁପତି-ବିଶାଖାପାଟନମ୍ ସ୍ୱତନ୍ତ୍ର (ଟ୍ରେନ୍ ନଂ ୦୮୫୮୩/୦୮୫୮୪) ଟ୍ରେନ୍ ୧୮ ଅକ୍ଟୋବର ରୁ ୨ ନଭେମ୍ବର ମଧ୍ୟରେ ପ୍ରତି ସୋମବାର ଦିନ ବିଶାଖାପାଟନମ୍ ଠାରୁ ସନ୍ଧ୍ୟା ୭ଘଂଟା ୧୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ତିରୁପତି ଠାରୁ ପ୍ରତି ମଙ୍ଗଳ ବାର ଦିନ ରାତ୍ରି ୯ଘ.୫୫ମି.ରେ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ୱେଶାଲ୍ (ଟ୍ରେନ୍ ନଂ ୦୮୫୮୫/୦୮୫୮୦୬) ଟ୍ରେନ୍ ୧୯ ଅକ୍ଟୋବର ରୁ ୩ ନଭେମ୍ବର ମଧ୍ୟରେ ପ୍ରତି ମଙ୍ଗଳବାର ଦିନ ବିଶାଖାପାଟନମ୍ ରୁ ସନ୍ଧ୍ୟା ୫ଘ.୩୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ସିକନ୍ଦରାବାଦ ଠାରୁ ପ୍ରତି ବୁଧବାର ଦିନ ରାତ୍ରି ୯ଘ.୦୫ମି.ରେ ଛାଡିବ । ଏହି ଟ୍ରେନରେ ଏସି-୨ ଟାୟାର, ଏସି-୩ ଟାୟାର, ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି । ହାଓଡ଼ା-ପୁରୀ - ହାଓଡ଼ା ସ୍ୱେଶାଲ୍ (ଟ୍ରେନ୍ ନଂ ୦୮୧୭୯/୦୮୧୮୦) ଟ୍ରେନ୍ ୦୯ ଅକ୍ଟୋବର ରୁ ୭ ନଭେମ୍ବର ମଧ୍ୟରେ ପ୍ରତ୍ୟେକ ଶନିବାର ଦିନ ହାଓଡ଼ା ଠାରୁ ରାତ୍ରି ୮ଘ.୩୫ମି.ରେ ଛାଡିବ ଏବଂ ଫେରିବା ମାର୍ଗରେ ଏହା ପୁରୀ ଠାରୁ ପ୍ରତି ରବିବାର ଦିନ ସନ୍ଧ୍ୟା ୭ଘଣ୍ଟା ୨୦ମି.ରେ ଛାଡିବ । ଏହି ଟ୍ରେନରେ ସ୍ଲିପର୍ ଏବଂ ଜେନେରାଲ୍ କ୍ଲାସ୍ (ଦ୍ୱିତୀୟ ଶ୍ରେଣୀ ସିଟିଂ) କୋଚ୍ ଉପଲବ୍ଧ ଅଛି ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ




ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଶହୀଦ ବାଜି ରାଉତ ଓଡ଼ିଆ ଜାତିର ବୀରତ୍ୱ, ଶୌର୍ଯ୍ୟ ଏବଂ ସାହସ ତଥା ଅସ୍ମିତାର ଉଜ୍ଜ୍ୱଳ ନକ୍ଷତ୍ର:ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ/ଭୁବନେଶ୍ୱର: ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ 'ଶହୀଦ ବୀର ବାଜି ରାଉତ' ଓଡ଼ିଆ ଜାତିର ବୀରତ୍ୱ, ଶୌର୍ଯ୍ୟ ଏବଂ ସାହସ ତଥା ଅସ୍ମିତାର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋମବାର ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର ଠାରେ 'ବାଜି ରାଉତ ସ୍ମୃତି ପରିଷଦ, ପକ୍ଷରୁ ଆୟୋଜିତ ଶ୍ରାଦ୍ଧୋତ୍ସବ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଢେଙ୍କାନାଳ ମାଟିର ବୀର ସନ୍ତାନ ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଏହି ସାହସୀ ସର୍ବକନିଷ୍ଠ ସଂଗ୍ରାମୀଙ୍କ ସମେତ ଅନ୍ୟ ସଂଗ୍ରାମୀ ଗଣ ହୁରୁଷି ପ୍ରଧାନ, ଲକ୍ଷ୍ମଣ ମଲ୍ଲିକ, ନବ ମଲ୍ଲିକ ଏବଂ ଫଗୁ ସାହୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶା ହେଉଛି ଆଧ୍ୟାତ୍ମିକ ଚେତନାର ପବିତ୍ର ଭୂଇଁ। ଏହି ପବିତ୍ର ମାଟି ହେଉଛି, ଅଦମ୍ୟ ସାହସ, ବୀରତ୍ୱ ଏବଂ ସାଲିସ୍ ବିହୀନ ସଂଘର୍ଷର ମାଟି। ମହୋଦଧି କୂଳରେ ଓଡ଼ିଶା ମାଟିର ଅଧିବାସୀମାନେ ହେଲେ କପଟଶୂନ୍ୟ, ସରଳ ଓ ପରିଶ୍ରମୀ। ବୀର ଓଡ଼ିଆଙ୍କ ଧମନୀରେ ଶୌର୍ଯ୍ୟ ଦଉଡ଼େ। ସେହି ଓଡ଼ିଆ ଜାତିର ଅଦମ୍ୟ ସାହସର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବାଜି ରାଉତ। ସେ ଭାରତବର୍ଷର ମୁକ୍ତି ସଂଗ୍ରାମର ସର୍ବକନିଷ୍ଠ ସୈନିକ। ବାଜି ରାଉତ ଥିଲେ ଅଳ୍ପ ବୟସର, ଅଥଚ ମନରେ ଥିଲା ବ୍ୟାପକ ସାହସ। ୧୧ ଅକ୍ଟୋବର ୧୯୩୮ର ଉଜ୍ଜ୍ୱଳ ସୂର୍ଯ୍ୟାଲୋକ ମଧ୍ୟ ମ୍ରିୟମାଣ ଦେଖାଯାଇଥିଲା କାରଣ ସେହି ଦିନ କିଶୋର ବାଜି ରାଉତ ବୀରତ୍ୱର ସହ ସାମ୍ନା କରିଥିଲେ ବ୍ରିଟିଶ ପୋଲିସକୁ। ବ୍ରିଟିଶ ପୋଲିସର ଆଦେଶକୁ ଅମାନ୍ୟ କରି ଗୁଳି ଖାଇ ଶହୀଦ ହୋଇଥିଲେ ବୀର ବାଜି ରାଉତ। ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର ଘାଟର ବ୍ରାହ୍ମଣୀ ନଦୀର ନିର୍ମଳ ପାଣି ବାଜି ରାଉତଙ୍କ ରକ୍ତରେ ଲାଲ୍ ହୋଇ ପବିତ୍ର ହୋଇଯାଇଥିଲା। କବି ସଚ୍ଚି ରାଉତରାୟଙ୍କ କବିତା ହେଉଛି ବାଜି ରାଉତଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଏହି କବିତା ହେଉଛି "ନୁହେଁ ବଂଧୁ,ନୁହେଁ ଏହା ଚିତା,ଏ ଦେଶ ତିମିର ତଳେ,ଏ ଅଲିଭା ମୁକତି ସଳିତା" ।

# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।




# ଏଫସିଆଇ ଶ୍ରମିକ ସଂଗଠନର ଅନିର୍ଦ୍ଦିଷ୍ଟ କାଳ ଯାଏଁ କାମ ବନ୍ଦ ଡାକରା



ଫୁଲବାଣୀ (ପିଏନ୍): ସଭାପତି କେଶବ ଚନ୍ଦ୍ର ଦିଗାଲଙ୍କ ନେତୃତ୍ୱରେ ଫୁଲବାଣୀ ଏଫସିଆଇର ଶ୍ରମିକ ସଂଗଠନ ପକ୍ଷରୁ ଏଫସିଆଇର ସମ୍ମୁଖରେ ଧାରଣା ଦିଆଯାଇଛି । ସୁଚନାପ୍ରକାରେ ଶ୍ରମିକ ମାନେ ବର୍ଷବର୍ଷ ଧରି ଏହି ସରକାରୀ ଗୋଦାମରେ କାର୍ଯ୍ୟରତ । ଏପରିକି କରୋନା ମହାମାରୀ ସମୟରେ ମଧ୍ୟ ସମଗ୍ର ବିଶ୍ୱ ଲଢ଼େଇ କରୁଥିବା ବେଳେ ଏହି ଶ୍ରମିକ ମାନେ ନିଜ ଜୀବନକୁ ବାଜି ଲଗେଇ କରୋନା ଯୋଦ୍ଧା ସଦୃଶ୍ୟ କାର୍ଯ୍ୟ କରି ଆସୁଥିଲେ । ଜିଲ୍ଲା ଯୋଗାଣ ବିଭାଗ ଅଧିନରେ ପରିଚାଳିତ ତିନୋଟି ଗୋଦାମ ରହିଛି । ଏଥି ମଧ୍ୟରୁ ଦୁଇଟି ନିଜସ୍ୱ ହୋଇଥିବା ବେଳେ ଅନ୍ୟଟି ବେସରକାରୀ ଠିକାଦାରଙ୍କ ଦ୍ୱାରା ପରିଚାଳିତ । ବିଗତ ଦିନରେ ବିଭିନ୍ନ ଆଳ ଦେଖାଇ ଶ୍ରମିକ ମାନଙ୍କ ଠାରୁ ୬ଗୋଟି ଚାଉଳ ଉଠାଣ କ୍ଷମତା ବାହାର କରିଦିଆଯାଇଥିଲା । ଥିବା ୨ଟି ସରକାରୀ ଗୋଦାମ ଅଧିନରେ ୩୭ରୁ ଉର୍ଦ୍ଧ ପରିବାରର ୨୦୦ରୁ ଉର୍ଦ୍ଧ ସଦସ୍ୟ ନିର୍ଭର କରି ପେଟ ପୋଷଣ କରୁଛନ୍ତି । ଚଳିତ ବର୍ଷ ଯୋଗାଣ ବିଭାଗ ଟେଣ୍ଡରରେ ଦୁଇଟି ବ୍ଲକ ଟିକାବାଲି ଓ ଉଦୟଗିରିର ଚାଉଳ ଉଠାଣ କ୍ଷମତା ଅପସାରଣ କରାଯାଇଛି । ବେସରକାରୀ ଗୋଦାମକୁ ଅହେତୁକ ଅନୁକମ୍ପା ଦେଖାଇ ବିଭାଗ ଦୁଇଶହ ଲୋକଙ୍କ ଜିବନ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରମିକ ସଂଘ ଲିଖିତ ଆକାରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ।ହେଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯିବାରୁ ସୋମବାରୁ ଠାରୁ ଶ୍ରମିକମାନେ କାମ ବନ୍ଦରଖି ଧାରଣା ଦେଉଛନ୍ତି । ଜିଲ୍ଲା ପ୍ରଶାସନ ଯଦି ଆମ କଥା ନବୁଝିବେ ତେବେ ଆମେ ନିଜ ପରିବାର ପିଲାଛୁଆ ସହିତ ଭୋକ ଉପାସରେ ଧାରଣାରେ ବସିବୁ ବୋଲି ସମ୍ପାଦକ ଦଶରଥ ସାହୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଗତ ବୁଧବାର ଦିନ ସାମାଜିକ ସଂଗଠନ ଜାଗ୍ରତ କନ୍ଧମାଳର ସାଧାରଣ ସମ୍ପାଦକ ତଥା ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ବେହେରା ଶ୍ରମିକ ମାନଙ୍କ ପାଖକୁ ଯାଇ ଭେଟିବା ପରେ ତାଙ୍କର ବର୍ଷବର୍ଷ ଧରି କରୁଥିବା କାର୍ଯ୍ୟ ନାର୍ଯ୍ୟଦାବୀ ଅଟେ । କହିବାସହ ଫୁଲବାଣୀ ଏଫସିଆଇ ଗୋଦାମର କ୍ଷମତା ୧୦ହଜାର ମେଟ୍ରିକ ଟନ ହୋଇଥିବାବେଳେ ଜଙ୍ଗଲ ଭିତରେ ୫ହଜାର ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଉପରେ ଜିଲ୍ଲାପାଳ ଭରସା କରିଛନ୍ତି କିପରି ? । ଏହା ପୁର୍ବରୁ ଚାଉଳ ହେରଫେର ହୋଇଥିବା ନେଇ ବିଭିନ୍ନ ଖବର କାଗଜରେ ବାହାରିବା ସହିତ ଥାନାରେ ମାମଲା ମଧ୍ୟ ଗଡୁଛି ସେ ଦୃଷ୍ଟିରୁ ଦେଖିଲେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜିଲ୍ଲା ବାହାରକୁ ଯାଇଥିବା ଦୁଇଟି ବ୍ଲକ ଫେରାଇ ଆଣିବା ପାଇଁ ଦାବିକରିଛନ୍ତି ତାଙ୍କ ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଅରୁଣ ନାୟକ,ଶିବ ପ୍ରସାଦ ପୋଢ଼,ସିତ ନାୟକ,ପୁର୍ଣ୍ଣ ଚନ୍ଦ୍ର ମଲ୍ଲିକ,ବାବୁଲା ବାଘ,ରିତ ହଂସ,ସାସ୍କର ସାଣ୍ଟ,ରାଜା ନାୟକଙ୍କ ସମେତ ଅନ୍ୟ ଶ୍ରମିକ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ବାଟପୁରଣ ଗ୍ରାମ୍ୟ କମିଟି ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ବାଟପୁରଣ (ଖରିପଡ଼ିଆ) ସ୍ଥିତ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଦେବ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ପାର୍ବଣ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ବିଜୟ କୁମାର ମହାପାତ୍ର ଅଧକ୍ଷତା କରିଥିଲେ । ସମ୍ପାଦକ ଲଳିତକିଶୋର ସୁନ୍ଦରାୟ ଗତ ଏକ ବର୍ଷର ଆୟବ୍ୟୟ ହିସାବ ପାଠ କରିଥିଲେ । ଗତ ଏକ ବର୍ଷ ମଧ୍ୟରେ ଗ୍ରାମରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ପାଇଁ ବୈଠକରେ ଆନନ୍ଦ ପ୍ରକାଶ ପାଇଥିଲା । ଅଷ୍ଟମୀ ଦିନ ବାରାହୀ ପୀଠରେ କୋଭିଡ୍ କଟକଣା ଭିତରେ ଅଷ୍ଟମୀ ପୂଜା କରିବାକୁ ବୈଠକରେ ସ୍ଥିର ହୋଇଛି । ଏହି ବୈଠକରେ ଅଜୟକୁମାର ସାମନ୍ତରାୟ, ରାଜେଶ କୁମାର ଦାସ, ଗୁରୁଚରଣ ମହାନ୍ତି, ବସନ୍ତକୁମାର ଲେଙ୍କା, ନିରଂଜନ ଲେଙ୍କା, ଭରତଚନ୍ଦ୍ର ସାମନ୍ତରାୟ, ସଂଯୁକ୍ତା ମହାପାତ୍ର, ରଜତକୁମାର ଓଝା, ଉପଦେଷ୍ଟା କ୍ଷୀରୋଦ ପଟ୍ଟନାୟକ, ବ୍ରଜବନ୍ଧୁ ପଟ୍ଟନାୟକ, ଲକ୍ଷ୍ମୀଧର ମହାପାତ୍ର, ଦେବେନ୍ଦ୍ର ଲେଙ୍କା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

## ୱେବ ଚ୍ୟାନେଲ ପ୍ରତିନିଧିଙ୍କ ବିରୋଧରେ ଥାନାରେ ଏତଲା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ କଜଳା ଅଞ୍ଚଳର କାର୍ଯ୍ୟରତ ସ୍ୱଚ୍ଛସାଥୀଙ୍କୁ ଦାଦାବଟି ପାଇଁ ଜୁଲମ କରିବା ଅଭିଯୋଗରେ କେନ୍ଦ୍ରାପଡା ଟାଉନ୍ ଥାନାରେ ୱେବ ଚ୍ୟାନେଲ ପ୍ରତିନିଧି ମହେଶ ପାଢୀଙ୍କ ବିରୋଧରେ ଏକ ମାମଲା ଦାଏର ହୋଇଛି । ପୋଲିସ ସୁତ୍ରରୁ ପ୍ରକାଶ ଯେ ୱେବ ଚ୍ୟାନେଲର ପ୍ରତିନିଧି ମହେଶ ପାଢୀ କେନ୍ଦ୍ରାପଡା ପୌରାଞ୍ଚଳର ୨୧ ନମ୍ବର ୱାର୍ଡରେ କାମ କରୁଥିବା ୨ଜଣ ସ୍ୱଚ୍ଛସାଥୀଙ୍କୁ ମାସକୁ ୫ହଜାର ଟଙ୍କା ଲେଖାଏଁ ଦାଦାବଟି ମାଗିଥିଲେ । ସେ ତାହା ଦେବାକୁ ମନା କରିବାରୁ ଶ୍ରୀ ପାଢୀ ସେମାନଙ୍କ ବିରୋଧରେ ମିଥ୍ୟା ସମ୍ବାଦ ପ୍ରସାରଣ କରିଥିଲେ ବୋଲି ଗତ ୨ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଛି । ଟାଉନ ଥାନା ପୋଲିସ ଏହି ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଟାଉନ ଥାନା ଅଧିନସ୍ଥ ଭ୍ରମରଦିଆ ପାଟଣା ଗ୍ରାମର ଜୟନ୍ତୀ ବେହେରା ଏବଂ ମମତା ଥାପ୍ପା ଏହି ଅଭିଯୋଗ କରିଛନ୍ତି । ଏହି ମାମଲାଟି ଜନଜାତି ନିବାରଣ ଆଇନ ସହିତ ବିଭିନ୍ନ ଦଫାରେ ରୁଜୁ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି କାର୍ତ୍ତିକ ମଲ୍ଲିକ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ଏ ସମ୍ପର୍କରେ ୱେବ ଚ୍ୟାନେଲ ପ୍ରତିନିଧି ମହେଶ ପାଢୀଙ୍କ ମତାମତ ଚାହିଁବାରେ ସେ କହିଛନ୍ତି ଯେ ଅଭିଯୋଗ କାରିଣୀମାନେ ସଠିକ ଢଙ୍ଗରେ କାମ ନକରିବାରୁ ସେ ସେମାନଙ୍କ ବିରୋଧରେ ୱେବ ଚ୍ୟାନେଲରେ ସମ୍ବାଦ ପ୍ରସାରଣ କରିଥିଲେ ।

# ଆମର ଜାତୀୟ ପର୍ବ : ଦଶହରା






ଦଶହରା ଭାରତର ଏକ ବିଶିଷ୍ଟ ହିନ୍ଦୁପର୍ବ। ଏହି ପର୍ବରେ ମା' ଜଗଜନନୀ ଦୁର୍ଗାଙ୍କୁ ସଭକ୍ତି ଆରାଧନା କରାଯାଏ। ମା' ହିଁ ଆଦ୍ୟାଶକ୍ତି। ସେ ସୃଷ୍ଟି ଆରମ୍ଭରୁ ଥିଲେ, ଅଛନ୍ତି ଏବଂ ସୃଷ୍ଟିର ବିନାଶ ପରେ ହିଁ ଥିବେ। ସେ ଏକମାତ୍ର ସ୍ରଷ୍ଟା ଯିଏକି ସମସ୍ତ ସୃଷ୍ଟିର ଓ ସବୁସୁଖ, ସଂପଦ ଓ ଶାନ୍ତିର କାରଣ ଏବଂ ସମସ୍ତ ଦୁଃଖ ଓ ଦୁର୍ଗତିର ନାଶିନୀ ବୋଲି ତାଙ୍କୁ ଯଥାର୍ଥରେ ଦୁର୍ଗା ବୋଲି କୁହାଯାଏ। ଦଶହରା ପର୍ବ ଦୁଇପ୍ରକାର : ଗଙ୍ଗା ଦଶହରା ଏବଂ ଶାରଦୀୟ ଦଶହରା। ଗଙ୍ଗା ଦଶହରା ଜ୍ୟେଷ୍ଠମାସ ଶୁକ୍ଳ ଦଶମୀରେ ପାଳିତ ହୁଏ। ***ଜ୍ୟେଷ୍ଠ ମାସି ଶୀତପକ୍ଷେ ଦଶମୀ ହସ୍ତ ସଂଯୁତା/ହରତେ ଦଶ ପାପାନି ତସ୍ମା ଦଶହରା ସୃତା।।***

ଜ୍ୟେଷ୍ଠମାସରେ ପାଳିତ ଦୁର୍ଗୋତ୍ସବକୁ ବାସନ୍ତୀ ଦୁର୍ଗୋତ୍ସବ କୁହନ୍ତି। ଏଥିରେ ଗଙ୍ଗାଙ୍କୁ ପୂଜା କରାଯାଏ। ଏହାଦ୍ୱାରା ଗଙ୍ଗାତୀର ନିବାସୀ ଗଙ୍ଗାରେ ସ୍ନାନ ତଥା ଗଙ୍ଗାକୂଳରେ ପୂଜା-ଆରଧନା କରି ଦଶ ପାପରୁ ମୁକ୍ତି ପାଆନ୍ତି; କିନ୍ତୁ ଭାରତର ଅନ୍ୟତ୍ର ଏହାର ସୁଯୋଗ ପାଆନ୍ତି ନାହିଁ। ଏଣୁ ମା' ଦୁର୍ଗା ଶାରଦୀୟ ଦୁର୍ଗୋତ୍ସବକୁ ଆଶ୍ୱିନ ମାସରେ ଓହ୍ଲାଇ ଆସନ୍ତି ଏ ଧରାକୁ। ବିନାଶନ୍ତି ଆସୁରୀକ ଶକ୍ତି, ପ୍ରତିଷ୍ଠା କରନ୍ତି ଧର୍ମ-ଶାନ୍ତି ଏବଂ ଦଶଦୋଷରୁ କରନ୍ତି ମୁକ୍ତ। ଏ ଦଶଦୋଷ ହେଲେ ଚୋରି, ହିଂସା ପରଦାରା, ସମ୍ଭୋଗ, ନିଷ୍ଠୁର ବାକ୍ୟ ପ୍ରୟୋଗ, ଅସତ୍ୟ କଥନ, କପଟାଚାର, ଅସମ୍ବନ୍ଧି ପ୍ରଳାପ, ଲୋଭ, ପରର ଅନିଷ୍ଟ ଚିନ୍ତା ଓ ମିଥ୍ୟା ବିଷୟକ ଚିନ୍ତା। ଏଣୁ ଏ ପର୍ବର ନାମ ଦଶହରା ବୋଲି ନାମିତ। ଏହି ପର୍ବ ଆଶ୍ୱିନ ମାସର କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଲପକ୍ଷ ନବମୀ ପର୍ଯ୍ୟନ୍ତ ୧୭ଦିନ ଧରି ପାଳିତ ହୁଏ। କେହି କେହି ନବଦିନ ବ୍ୟାପୀ ନବରାତ୍ର ଦୁର୍ଗୋତ୍ସବ ପାଳନ କରନ୍ତି। ଦୁର୍ଗାଙ୍କର ନ'ଟି ରୂପ ଅଛି : ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚଣ୍ଡଘଣ୍ଟା, କୁଷ୍ମାଣ୍ଡା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ। ଏହି ନାମରେ ଆଶ୍ୱିନ ମାସ ପ୍ରତିପଦା ଠାରୁ ନବମୀ ଯାଏଁ କ୍ରମାନ୍ୱୟରେ ପୂଜା ପାଆନ୍ତି। ମା' ଦୁର୍ଗା ଆଶ୍ୱିନମାସରେ ଶିବାଳୟରୁ ତାଙ୍କ ପିତାଳୟକୁ ପଦାର୍ପଣ କରିଥିଲେ ଏବଂ ଏଠାରେ ଆମ ପୂଜାଗ୍ରହଣ ପରେ ଦଶମୀଦିନ ପୁନଶ୍ଚ ଫେରିଯାଇଥିଲେ। ଏହି ଫେରନ୍ତା ଯାତ୍ରାକୁ ବିଜୟ ଯାତ୍ରା ବା ବିଜୟା ଦଶମୀ ବୋଲି କୁହନ୍ତି।

***"ଆଶ୍ୱିନେ ଦଶମୀ ଶୁକ୍ଳ ଶ୍ରାବଣେନ ସମନ୍ୱିତା***
***ବିଜୟା ଦଶମୀପ୍ରୋକ୍ତା ମା' ଚୈବାତ୍ୟନ୍ତ ଦୁର୍ଲଭା।"***

ଦୁର୍ଗା ପୂଜାକୁ ନେଇ ଆହୁରି ଅନେକ ପୌରାଣିକ କାହାଣୀ ଅଛି। ଚଣ୍ଡୀପୁରାଣରୁ ମିଳେ ଯେ ମହାପ୍ରତାପୀ ଧୂମକେତୁ ମହିଷାସୁର ରକ୍ଷ-ଯକ୍ଷ - ଦେବ-ମାନବ କୁଳକୁ ନିଷ୍ଠୁର ଓ ନିର୍ମମ ଅତ୍ୟାଚାର କଲା। ଏହା ସହିନପାରି ଏମାନେ ନାରାୟଣଙ୍କୁ ଜଣାଇଲେ ଏବଂ ତାଙ୍କ ନିର୍ଦ୍ଦେଶରେ ପାର୍ବତୀ ଏକ ମୋହିନୀ କାତ୍ୟାୟନୀ ରୂପରେ ଆସିଲେ ଧରାକୁ। ତାଙ୍କୁ ସମସ୍ତ ଦେବତାମାନେ ତାଙ୍କ ଆୟୁଧରୁ ଗୋଟିଏ ଗୋଟିଏ ଦେଇଥିଲେ। ସେ ଦୁର୍ଗା ରୂପରେ ଛଳରେ ମହିଷାସୁରକୁ ବଶୀଭୂତ କରି ବିନାଶ କଲେ।

ତ୍ରେତାଯୁଗରେ ଏହି ଦଶମୀଦିନ ରାମଚନ୍ଦ୍ର ଦୁର୍ଗାଙ୍କୁ ଆରାଧନା ପୂର୍ବକ ସୀତାଙ୍କ ଉଦ୍ଧାର ନିମନ୍ତେ ଲଙ୍କାକୁ ଯାତ୍ରା କରିଥିଲେ ଏବଂ ଦଶଶିର ରାବଣକୁ ବଧ କରିଥିବା ହେତୁ ଏହାବି ଦଶହରା ବୋଲି ବିଦିତ। ଏଥିକୁ କବି କାଳିନ୍ଦୀ ଚରଣ ଲେଖନ୍ତି : ***ସବଂଶେ ଅରି ବିନାଶ କରି ଲଙ୍କାରେ ଜାଳି ଚିତା/ସେ ସ୍ମୃତି ଆଜି ଉଠେ ବିରାଜି ଉଦ୍ଧାରିଥିଲେ ସୀତା।***

ଏହିଦିନ ପାଣ୍ଡବମାନେ ତାଙ୍କ ଯୁଦ୍ଧାସ୍ତ୍ର ଶମୀବୃକ୍ଷ କୋରଡ଼ରେ ରଖି ବନବାସ ଗମନ କରିଥିଲେ ଏବଂ ଏହିଦିନ ବିରାଟ ରାଜାଙ୍କ ତରଫରୁ ଲଢ଼ି କୌରବମାନଙ୍କୁ ଗୋବତ୍ସ ହରଣ ପ୍ରସଙ୍ଗରେ ଯୁଦ୍ଧରେ ପରାଜିତ କରିଥିଲେ; ଏହି ଯାତ୍ରା ଅନୁକୂଳର ଶୁଭଦିନ। ଏଣୁ ପୂର୍ବେ କଳିଙ୍ଗର ବଣିକମାନେ ଦୁର୍ଗୋତ୍ସବ ସାରି ଦଶହରା ଦିନ ଜାଭା, ସୁମିତ୍ରା, ବାଲି ଓ ବୋର୍ଣ୍ଣିଓ ପ୍ରଭୃତି ଦୀପକୁ ବାଣିଜ୍ୟ ଯାତ୍ରା କରୁଥଲେ। ଅବଶ୍ୟ ଆଜି ତାହା ନାହିଁ ଅଥଚ ପରମ୍ପରାରେ ଦେବୀ ପୂଜା ଚାଲିଛି। ଏହା ପାଇକମାନଙ୍କର ସମରାଭ୍ୟାସର ଶୁଭଦିବସ, ବ୍ୟବସାୟୀମାନଙ୍କର ନୂଆଖାତା ଖୋଲିବାଦିନ ବ୍ରାହ୍ମଣ ଓ କରଣମାନେ ଏହିଦିନ ପୋଥି ଓ ଲେଖନୀପୂଜା କରନ୍ତି। ଅନ୍ୟାନ୍ୟ ପାଟକମାନେ ନିଜ ନିଜ 'ସାଜ' ପୂଜା କରନ୍ତି। ସମ୍ମୁରେ ପୂଜା ସରିଲେ ବାଦକମାନେ ଶୁଭ ସଂବାଦ ଦେଇ ବାଜା ଅନୁକୂଳ ପ୍ରଥମେ କରନ୍ତି। ଅନ୍ୟମାନେ ତାଙ୍କ ସାଜ ଉଠାଇ ନିଜସ୍ୱ ସାଜର ଅନୁକୂଳ କରନ୍ତି।

ଦୁର୍ଗା ପୂଜାର ସ୍ଥାନ ବିଶେଷରେ ଅବଧି ୧୬ଦିନ ଠାରୁ ଆରମ୍ଭ କରି ନ' ଦିନ, ଛ'ଦିନ ବା ତିନିଦିନ ହୋଇପାରେ। ତେବେ ୭ମୀ , ଅଷ୍ଟମୀ ଓ ନବମୀ ଦିନ ଧୂମଧାମରେ ପାଳିତ ହୁଏ। ଦଶମୀ ଦିନ ପୂଜା ଉଦ୍‌ଯାପନ ଓ ବିସର୍ଜନ ଉତ୍ସବ। ଦେବୀଙ୍କୁ ମହାଡ଼ମ୍ବରେ ରୋଷଣୀ, ବାଣ, ବାଜା ଓ ଗୀତର ଉନ୍ମାଦରେ ନଈ ବା ପୋଖରୀରେ ବିସର୍ଜନ କରାଯାଏ।

ପୂର୍ବେ ଦେବୀଙ୍କ ପାଖରେ ଅଷ୍ଟମୀ ଓ ନବମୀ ଦିନ ବିଶେଷକରି ଛେଳି, ମେଣ୍ଢା, ପୋଢୁଅ ବା ପକ୍ଷୀମାନଙ୍କୁ ବଳି ଦିଆଯାଉଥିଲା।ତଥାପି ଏବେ କେତେକ ଯାଗାରେ ଏ ପ୍ରଥା ଅଛି। ଏହାକୁ ଏବେ କୁସଂସ୍କାର ବୋଲି ଗ୍ରହଣ କରାଗଲାଣି। ସତରେ ମା'କ'ଣ ସନ୍ତାନର ରକ୍ତ ଚାହେଁ? ତେବେ ଏବେ ଅନ୍ୟାନ୍ୟ ଭୋଗ ରାଗ ହୁଏ।

ଭାରତରେ ଯେତେ ଶକ୍ତିପୀଠ ଅଛି, ଦଶହରା ସମୟରେ ସବୁଠି ପୂଜାପାର୍ବଣ। ଆମ ଓଡ଼ିଶାରେ ପ୍ରସିଦ୍ଧ ଶକ୍ତିପୀଠ ହିସାବରେ ବାଙ୍କୀ, କାକଟପୁର, ବାଣପୁର, ଝଙ୍କଡ଼, ବିରଜାକ୍ଷେତ୍ର, କଟକ ଇତ୍ୟାଦି ପ୍ରଧାନ। ଏହିସବୁ ସ୍ଥାନରେ ଦଶହରା ବିଧି ସମ୍ମତ ପାଳିତ ହୁଏ। ଦୁର୍ଗା ପୂଜାପାଇଁ କଟକ ପ୍ରସିଦ୍ଧ। ସୁନ୍ଦର ସୁନ୍ଦର ଚାନ୍ଦିର ମେଢ଼, ଆଲୋକ ସଜ୍ଜା, ତୋରଣ, କାରୁକାର୍ଯ୍ୟ ତଥା ଆକର୍ଷଣୀୟ ମୂର୍ତ୍ତିମାନ ଦର୍ଶକମାନଙ୍କୁ ଆକର୍ଷିତ କରେ। ଏଣୁ ଲକ୍ଷଲକ୍ଷ ଲୋକଙ୍କ ଦୁର୍ଗାପୂଜା ଦେବୀ ଦର୍ଶନରେ ସମାଗମ ହୁଏ। ପ୍ରକୃତରେ ମା' ଆଦ୍ୟାଶକ୍ତିଙ୍କର ନିର୍ଦ୍ଦିଷ୍ଟ ରୂପ ନାହିଁ। ତେବେ ବିଭିନ୍ନ କାର୍ଯ୍ୟ ସାଧନ ନିମନ୍ତେ ଅରୂପରୁ ରୂପରେ ସେ ନବଦୁର୍ଗା ଭାବେ ପୂଜିତା। ଆମେ ତାଙ୍କ କଳ୍ପିତ ମୃଣ୍ମୟ ରୂପକୁ ହିଁ ପୂଜାକରୁ। ଆମେ ପୂଜା କରୁଥିବା ରୂପରେ ମା'ଙ୍କର ଗୋଟଏ ଗୋଡ଼ ସିଂହ ଉପରେ,ଅନ୍ୟଟି ମହିଷାସୁର କାନ୍ଧରେ; ତ୍ରିଶୁଳ ବିଦ୍ଧ ତା' ବକ୍ଷ, ସିଂହ କାମୁଡ଼ିଥାଏ ରାକ୍ଷସ, ହସ୍ତମାନଙ୍କରେ ଖଣ୍ଡା, ବର୍ଚ୍ଛା ଏବଂ ଖଡ଼ଗ ଇତ୍ୟାଦିଥାଏ। ନିକଟରେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଏବଂ କାର୍ତ୍ତିକେୟ ଇତ୍ୟାଦି ଦେବାଦେବୀ ଥାଆନ୍ତି। ଯୁଗେଯୁଗେ ଆସୁରୀକ ଶକ୍ତି ଉପରେ ଦେବୀ ଶକ୍ତିର ବିଜୟ ଘଟିଛି। ଏଣୁ ଯେତେବେଳେ ଏ ମେଦିନୀ ଦୁଃଖ ଭାରରେ ଅତିଷ୍ଠ ହୋଇପଡ଼େ, ସେତେବେଳେ ମା' ଅରୂପରୁ ରୂପନେଇ ଆମ ଗହଣକୁ ଓହ୍ଲାଇ ଆସନ୍ତି; ବିନାଶନ୍ତି ଦୁଃଖ; ଦିଅନ୍ତି ଶାନ୍ତି ଓ ପ୍ରଗତି। ଏଣୁ ଯଥାର୍ଥରେ ରବୀନ୍ଦ୍ର ନାଥ ଠାଗୁର କହିଛନ୍ତି :

***"ଅରୂପା ତୁ ମା'ର ରୂପେର ଲୀଳାୟ ଜାଗେ ହୃଦୟପୁର***
***ଆମାର୍ ମଧେ ତୋମାର ଶୋଭା ଏମନ୍ ସୁମଧୁର୍।"***

ଦଶହରା ଏକ ସାମାଜିକ, ସାମରିକ ଏବଂ ଆତ୍ମିକ ଜାତୀୟ ପର୍ବ। ଏହିପର୍ବକୁ ପାଳନ ଓ ଉପଭୋଗ ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରର ସମସ୍ତ ଅନୁଷ୍ଠାନ ବନ୍ଦ ରୁହେ; ସମସ୍ତ ଏହାକୁ ଆମୋଦ ଓ ପ୍ରମୋଦର ସହ ଉପଭୋଗ କରନ୍ତି। ନୂଆ ପୋଷାକ, ସୁମିଷ୍ଟ ଭୋଜନ, ନାଚ, ଗୀତ, ତାମ୍‌ସା ତଥା ବନ୍ଧୁଦର୍ଶନ, ଭ୍ରମଣ ଇତ୍ୟାଦିରେ ସମୟ କଟାନ୍ତି ଲୋକେ। ଏହା ଭାଇଚରା, ସ୍ନେହ, ସୌହାର୍ଦ୍ଦ୍ୟ, ସଂହତି, ସହଯୋଗ, ସଦ୍‌ଭାବ ଓ ମୈତ୍ରୀର ପ୍ରତୀକ। ଏହାକୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିବା ଉଚିତ୍। ତାହାହିଁ ଦେଶପାଇଁ ମଙ୍ଗଳକର।

***"ଯା' ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା।***
***...ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।।"***

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ପୂର୍ବତନ ମନ୍ତ୍ରୀ କେନ୍ଦ୍ରାପଡାର ବରପୁତ୍ର ସ୍ୱର୍ଗତଃ ଦୀନବନ୍ଧୁ ସାହୁଙ୍କ ୪୧ତମ ଶ୍ରାଦ୍ଧ ଦିବସ ପାଳିତ




କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ କେନ୍ଦ୍ରାପଡା ଜିଲ୍ଲାର ଜଣେ ବିକାଶ ପୁରୁଷ ଥିଲେ । କେନ୍ଦ୍ରାପଡାର ସାମୁହିକ ବିକାଶରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ଓ ସେ କେନ୍ଦ୍ରାପଡା ମହାବିଦ୍ୟାଳୟର ସେ ପ୍ରତିଷ୍ଠାତା ଥିଲେ । ତାଙ୍କ ରାଜନୈତିକ ଜୀବନରେ କେନ୍ଦ୍ରାପଡା ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡାରେ ଶିଳ୍ପାଂଚଳ, ବଳଦେବଜୀଉ ପାୱାରଲୁମ, ବିଚାର ବିଭାଗର ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ପରବର୍ତ୍ତି ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । ପରେ ତାଙ୍କରି ଉଦ୍ୟମ ଯୋଗୁଁ ଇଞ୍ଜିନିଅରିଂ ସ୍କୁଲର ସମସ୍ତ କୋଠାବାଡି ଓ ଭୂସମ୍ପତିକୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନ ନେତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦ୍ଦମାରେ ସେମାନଙ୍କ ପାଇଁ ଅଦାଲତରେ ବିନାପାରିଶ୍ରମିକରେ ଲଢି ନ୍ୟାୟଦେବାରେ ସହାୟକ ହୋଇଥିଲେ ସ୍ୱର୍ଗତ ସାହୁ । ଏଥିସହିତ ସେ ଜଣେ ଦରଦୀ ଓ ଭଗବତପ୍ରେମୀ ଭାବରେ ବେଶ ଲୋକପ୍ରିୟ ଥିବାର ସ୍ୱର୍ଗତ ସାହୁଙ୍କ ୪୧ତମ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ସେ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମରେ ଗତ ୧୯୧୦ମସିହା ଅକ୍ଟୋବରମାସ ୧୦ତାରିଖରେ ଜନ୍ମଗ୍ରହଣ କରିଥିବା ବେଳେ ଗତ ୧୯୮୦ମସିହା ଅକ୍ଟୋବରମାସ ୭ତାରିଖରେ ତାଙ୍କର ତିରୋଧନ ହୋଇଥିଲା । ଆଜି ତାଙ୍କ ଶ୍ରାଦ୍ଧଦିବସ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ଅଧ୍ୟାପକ ଅଜୟ କୁମାର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସାହିତ୍ୟିକ ଡଃ. ବାସୁଦେବ ଦାସ, ଜିଲ୍ଲା ଓକିଲ ସଙ୍ଘର ପ୍ରାକ୍ତନ ସଭାପତି ଧ୍ରୁବ ଚରଣ ଜେନା ଓ ସରୋଜରାଜ ସିଂ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ତଥା ସମାଜସେବୀ ପ୍ରଦିପ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବିପିନ ବିହାରି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ବିଜୟ ପତି, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଶରତ ବେହୁରା, ମୁକ୍ତାର ଖାଁ, ଗୋପାଳକୃଷ୍ଣ ଜେନା, ଶୁକଦେବ ସାହୁ, ଆଲୋକ ସାହୁ, ଶୁକଦେବ ଦାସ, ଦେବେନ୍ଦ୍ର ସାହୁ, କୁଞ୍ଜ ବିହାରି ପରିଡା, ଅମୀୟ ନାୟକ, ଦେବେନ୍ଦ୍ର ସାହୁ, ଶାନ୍ତିସ୍ୱରୂପ ଭୂୟାଁ, ଲକ୍ଷ୍ମୀକାନ୍ତ ନାୟକ, ରଞ୍ଜନ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ସାମ୍ବାଦିକ ରବିନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ମୋହରୀରଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଆଡଭୋକେଟ କ୍ଲର୍କସ ଆସୋସିଏସନ ପକ୍ଷରୁ ୨ବରିଷ୍ଠ ମୋହରୀରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆସୋସିଏସନର ସଭାପତି ବନମାଳି ଷଡଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ମୋହରୀର ତଥା ଦୁତିଆଳ ଗ୍ରାମର ଦୈତାରୀ ରାଉତ (୯୭) ଏବଂ ବଣିଆମାଳ (ଓଡିଶୋ) ଗ୍ରାମର ନୃସିଂହ ଚରଣ ମଲ୍ଲିକ(୬୫)ଙ୍କ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ଶୋକବ୍ୟକ୍ତ କରାଯାଇଥିଲା। ଏହି ଶୋକସଭାରେ ଉପଦେଷ୍ଟା କମିଟି ସଭ୍ୟ ବିଦ୍ୟାଧର ଦାସ, ଉପସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତ, ସହସମ୍ପାଦକ ରମାକାନ୍ତ ନାୟକ, କୋଷାଧ୍ୟକ୍ଷ ବଳରାମ ସିଂହ, ଉପଦେଷ୍ଟା କମିଟି ସଭ୍ୟ ନଟବର ସ୍ୱାଇଁ, ଦାମୋଦର ମହାନ୍ତି, ନିରଞ୍ଜନ ସୁତାର, ନିତ୍ୟାନନ୍ଦ ଜେନା, ପ୍ରେମାନନ୍ଦ ସିଂହ, ରମେଶ ଚନ୍ଦ୍ର ଧଳ, ନାରାୟଣ ଚନ୍ଦ୍ର ବିହାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ୨ ମୋହରୀରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର : ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠାତା, ମହାନ୍ ସ୍ୱାଧୀନତା ସଂଗ୍ରାମୀ, 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଶିରୀପୁରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବହୁମୁଖୀ ପ୍ରତିଭାର ଅଧିକାରୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ସେବା ଓ କରୁଣାର ପ୍ରତୀକ । ବ୍ରିଟିଶ୍ ପରାଧିନ ଭାରତ ବର୍ଷରେ ହେଉଥିବା ବନ୍ୟା, ବାତ୍ୟା ଓ ମହାମାରୀ ସମୟରେ ତାଙ୍କର ସେବା ଓ ବିପନ୍ନଙ୍କ ନିକଟରେ ପହଂଚି ରିଲିଫ୍ ପ୍ରଦାନ ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତାଙ୍କୁ ମନେ ପକାଇଦେଇଥାଏ । ମୌଳିକ ଶିକ୍ଷା ପ୍ରଦାନ ପାଇଁ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ରାଜ୍ୟରେ ସମ୍ବାଦପତ୍ର ମାଧ୍ୟମରେ ଲୋକଙ୍କ ନିକଟରେ ଖବର ପହଂଚାଇବା ପାଇଁ 'ସମାଜ' କାଗଜର ପ୍ରକାଶନ ଓ ନିଜ ଜୀବଦ୍ଦଶାରେ ନିଜେ ଗଢ଼ିଥିବା 'ସମାଜ'କୁ ଲୋକସେବକ ମଣ୍ଡଳକୁ ସମର୍ପଣ ସହିତ ବିଧାୟକ ଭାବରେ ଲୋକଙ୍କ ସମସ୍ୟା ଉପସ୍ଥାପନ ତାଙ୍କୁ ମହନୀୟ କରିଛି । ତାଙ୍କୁ ଉତ୍କଳମଣି ବଦଳରେ ଭାରତମଣି କହିବା ଯଥାର୍ଥ ହେବ ବୋଲି ବକ୍ତାମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏ, ସୁରେଶ କୁମାର ରାଉତରାୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅଧ୍ୟାପକ ରମେଶଚନ୍ଦ୍ର ପାତାଳସିଂହ, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଓ ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଭୁବନେଶ୍ୱର: ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ତଥା ବିଶିଷ୍ଟ ଜାତୀୟବାଦୀ ନେତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀରେ ବିଧାନସଭା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର, ସମ୍ମାନିତ ଅତିଥି ରୂପେ ଉପବାଚସ୍ପତି ରଜନୀକାନ୍ତ ସିଂହ, ବିଧାୟକ ପ୍ରଫୁଲ୍ଲ ସାମଲ, ରମେଶ ଚନ୍ଦ୍ର ସାଏ ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ତାଙ୍କର ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉତ୍କଳମଣି ସଦାସର୍ବଦା ଓଡ଼ିଆମାନଙ୍କ ହୃଦୟରେ ତିଷ୍ଠି ରହିବେ ଏବଂ ତାଙ୍କର ଆଦର୍ଶ ଭବିଷ୍ୟତ ପିଢ଼ିଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ବାଚସ୍ପତି ଡ. ପାତ୍ର ଏହି ଅବସରରେ ପ୍ରକାଶ କରିଛନ୍ତି ।

# ଲକ୍ଷ୍ମୀପୁରରେ କୃଷକଙ୍କୁ ହତ୍ୟା ଓ ପ୍ରିୟଙ୍କାଙ୍କୁ ଅଟକ ରଖିବା ପ୍ରତିବାଦରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଗଣ ଧାରଣା

ଅନୁଗୋଳ (ପି.ଏନ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉତର ପ୍ରଦେଶ ଲକ୍ଷ୍ମୀପୁରର ଖେରୀରେ ଯେଉଁଳି ଆନ୍ଦୋଳନରତ କୃଷକଙ୍କ ଉପରେ ଅମାନୁସିକ ଭାବରେ ଗାଡି ମଡାଇ ହତ୍ୟା କରାଗଲା ଓ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦିକା ପ୍ରିୟଙ୍କା ଗାନ୍ଧୀଙ୍କୁ ମୃତ ଚାଷୀମାନଙ୍କ ଉଦ୍ଦେଶ୍ୟରେ ସମବେଦନା ଜଣାଇବାକୁ ଯାଉଥିବା ବେଳେ ଉତରପ୍ରଦେଶ ସରକାର ପୋଲିସ ଲଗାଇ ତାଙ୍କୁ ଅଟକ ରଖାଇଲେ, ତାର ପ୍ରତିବାଦରେ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଗଣ ଧାରଣା ଦିଆଯାଇଥିଲା । ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ବିପ୍ଳବ ଜେନାଙ୍କ ନିର୍ଦ୍ଦେଶରେ ଆଜି କଂଗ୍ରେସ କର୍ମୀମାନେ ଗାନ୍ଧୀ ପାର୍କଠାରେ ଗଣ ଧାରଣା ଦେବା ସହ ଜଣେ କେନ୍ଦ୍ର ମନ୍ତ୍ରୀଙ୍କ ପୁଅର ଏଭଳି ବର୍ବରୋଚିତ କାଣ୍ଡକୁ ନିନ୍ଦା କରିଥିଲେ । ଯେଉଁ ମନ୍ତ୍ରୀଙ୍କ ପୁଅ ଦ୍ୱାରା ହିଂସାକାଣ୍ଡ ଘଟିଛି ତାକୁ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୦୨ରେ ଗୀରଫ କରିବା ସହ ଏହି ଘଟଣାର ନିରପେକ୍ଷ ତଦ' ପାଇଁ ତୁର' କେନ୍ଦ୍ର ମନ୍ତ୍ରୀ ଇସ୍ତଫା ଦିଅଁ ବୋଲି ଜିଲ୍ଲା କଂଗ୍ରେସ ଦାବି କରିଛି । ଆନ୍ଦୋଳନକାରୀ କୃଷକଙ୍କ ପ୍ରତି ଭାରତୀୟ ଜନତା ପାର୍ଟିର ଏ ପ୍ରକାର ଆଭିମୁଖ୍ୟ ଥିବାର ପ୍ରମାଣ ମିଳିଛି, କାରଣ ଏହି ହିଂସାକୁ ନେଇ ହରିଆନା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କୃଷକଙ୍କ ବିରୋଧରେ ଠେଙ୍ଗା ଉଠାଇବାକୁ ନିଜ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ବିଜେପି ଜାଣି ସାରିଲାଣି ଯେ ଜନତା ସେମାନଙ୍କ କାର୍ଯ୍ୟଶୈଳିକୁ ନାପସନ୍ଦ କଲେଣି, ଏଣୁ ଏଭଳି ହିଂସାକାଣ୍ଡ ଘଟାଇବାକୁ ଦଳିୟ ସ୍ତରରେ କର୍ମୀମାନଙ୍କୁ ସଜାଗ କଲେଣି । ଏଣୁ ଏଥିପ୍ରତି ଜନ ସାଧାରଣ ସତର୍କ ରହିବା ପାଇଁ ଜିଲ୍ଲା କଂଗ୍ରେସ ନିବେଦନ କରିଛି । ଆଜିର ଏହି ଗଣ ଧାରଣାରେ ଜିଲ୍ଲା କଂଗ୍ରେସ ଉପସଭାପତି ଚିତ ରଂଜନ ନାଏକ, ତପନ ପ୍ରଧାନ, ମିଡିଆ ସେଲ ଅଧ୍ୟକ୍ଷ ତଥା ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ବିଜୟ ଚାଉଳିଆ, ବରିଷ୍ଠ କଂଗ୍ରେସ ନେତା ଜୟ' ସାହୁ, ଆଇନ ସେଲ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, ପଛୁଆ ବର୍ଗ ସେଲର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଏସସି ସେଲ ଅଧ୍ୟକ୍ଷ ନିଳକଣ୍ଠ ନାଏକ, ଏସସି ସେଲ ରାଜ୍ୟ ଆବାହକ ଟିକନ ବେହେରା, ମହିଳା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଅଁରପାଳ ବ୍ଲକ ସଭାପତି ବିନୋଦ ମାଝି, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ରାକେଶ ମିଶ୍ର, ମିଡିଆ ସେଲର ସୁବ୍ରତ ତ୍ରିପାଠୀ, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ମହାପାତ୍ର, ପ୍ରଶା' ବିଶ୍ୱାଳ, ସଂଗ୍ରାମ ବେହେରା, ରାଜକିଶୋର ବିଶ୍ୱାଳ, କୁନା ସିଂହ, ବୁବୁ ପ୍ରଧାନ, ଦୁଃଶାସନ ପ୍ରଧାନ, ଅଜିତ ପ୍ରଧାନ, ଶିନ ସାହୁ, ପ୍ରଫୁଲ୍ଲ ଦେହୁରୀ ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତା ଉପସ୍ଥିତ ଥିଲେ ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି : ଓଡ଼ିଶାରେ ପିଏମ୍ ସ୍ୱାମୀତ୍ୱ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ନୂଆ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମାଂଚଳକୁ ଉନ୍ନତମାନର କରାଯିବା ସହ ଡ୍ରୋନ୍ ମାଧ୍ୟମରେ ଗାଁର ସବୁ ଲୋକଙ୍କ ଭୂସମ୍ପତିର ମ୍ୟାପିଂ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗାଁରେ ଥିବା ଜମିର ସର୍ଭେ ଏବଂ ଏହାର ରେକର୍ଡ ଅଫ୍ ରାଇଟ ବହୁ ପୁରୁଣା । ଓଡ଼ିଶା ସମେତ ଭାରତରେ ଅନେକ ଜନବସତି ଅଂଚଳରେ ସର୍ଭେ ହୋଇନାହିଁ । ଫଳସ୍ୱରୂପ ରାଜ୍ୟର ଗ୍ରାମାଂଚଳ ମାନଙ୍କରେ ଭୂସମ୍ପତିର ମାଲିକାନାରେ ଥିବା ବ୍ୟକ୍ତି ବିଶେଷମାନଙ୍କ ପାଖରେ ନିଜ ସମ୍ପତିର କୌଣସି ଆଇନଗତ ତଥ୍ୟ ନାହିଁ । ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୪, ୨୦୨୦ରେ ପିଏମ୍ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ଓ ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ତାଙ୍କ ଭୂସମ୍ପତିର ରେକର୍ଡ ଅଫ୍ ରାଇଟ୍ ପ୍ରଦାନ କରିବା ଥିଲା ଏହାର ଉଦ୍ଦେଶ୍ୟ । ଯାହା ଦ୍ୱାରା ସମ୍ପତିର ମାଲିକଙ୍କୁ ଆଇନଗତ ମାଲିକାନା କାର୍ଡ୍ ପ୍ରଦାନ କରିବ ଏବଂ ଜନବସତି ଜମିରେ ମାଲିକାନାକୁ ମଧ୍ୟ ସ୍ୱଷ୍ଟ କରିବ । ଏହି କ୍ରମରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହା ଦ୍ୱାରା ଗ୍ରାମାଂଚଳର ନାଗରିକମାନେ ନିଜ ସମ୍ପତିକୁ ଆର୍ଥିକ ଆସେଟ୍ ଭାବେ ବ୍ୟବହାର କରି ଋଣ ନେଇପାରିବେ ଏବଂ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇପାରିବେ, ଯଦ୍ୱାରା ସେମାନଙ୍କ ମଧ୍ୟରେ ସମ୍ପନ୍ନତା ଆସିବ । ଦ୍ୱିତୀୟତଃ ସମ୍ପତି ଟିକସ ନିର୍ଦ୍ଧାରଣ ଦ୍ୱାରା ରାଜ୍ୟକୋଷକୁ ଲାଭ ହେବ । ତୃତୀୟତଃ ଏହି ଯୋଜନା ଦ୍ୱାରା ଗ୍ରାମାଂଚଳର ବିକାଶ ପାଇଁ ଜମିର ସଠିକ୍ ତଥ୍ୟ ରହିବ ଏବଂ ସମ୍ପତି ଜନିତ ବିବାଦ ମଧ ହ୍ରାସ ହେବ । ଚତୁର୍ଥତଃ ବନ୍ୟା ଏବଂ ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଓଡ଼ିଶା ଭଳି ରାଜ୍ୟରେ ସର୍ଭେ ପାଇଁ ଭିତିଭୂମି ସୃଷ୍ଟି ହେବ ଏବଂ ଜିଆଇଏସ ମ୍ୟାପ୍ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସାହାଯ୍ୟ କରିବ । ଏହାବ୍ୟତିତ ଜିଆଇଏସ୍ ମ୍ୟାପ୍ ବ୍ୟବହାର ଦ୍ୱାରା ଗ୍ରାମ ପଂଚାୟତର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିହେବ । ଯାହା ଦ୍ୱାରା ଗାଁ ସ୍ତରରେ ବିସ୍ତୃତ ଭାବେ ହୋଇଥିବା ଗ୍ରାମ୍ୟ ଯୋଜନାକୁ ହାସଲ କରିହେବ । ସୂଚନାକ୍ରମେ ଚଳିତବର୍ଷ ଫେବୃୟାରୀରେ ଓଡ଼ିଶା ସରକାର ସର୍ଭେ ଅଫ୍ ଇଣ୍ଡିଆ ସହ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷର କରିଛନ୍ତି ଏବଂ ରାୟଗଡ଼ାରେ ଏହାକୁ ପାଇଲଟ୍ ଭିତିରେ କାର୍ଯ୍ୟ କରାଯାଉଛି । ମାତ୍ର ରାଜ୍ୟ ରାଜସ୍ୱ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ ଯେଉଁ ଗତିରେ କାର୍ଯ୍ୟ କରୁଛନ୍ତି, ଏହା ଦ୍ୱାରା ଏହି ଯୋଜନା ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା କଷ୍ଟକର । ତେଣୁ ଏହି ଯୋଜନା ସହ ଜଡ଼ିତ ଅନେକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ଏବଂ ସର୍ଭେକୁ ସାହାଯ୍ୟ କରିବା ପାଇଁ ରାଜ୍ୟକୁ କଂଟିନିୟସ ଅପରେଟିଂ ରେଫରେନ୍ସ ଷ୍ଟେସନ(ସିଓଆରଏସ)କୁ ଯଥାଶୀଘ୍ର ଅନୁମତି ଦେବାକୁ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଦର୍ଶାଇଛନ୍ତି । ଯୋଜନାର ଲାଭକୁ ଦୃଷ୍ଟିରେ ରଖି ତଥା ଓଡିଆ ନାଗରିକଙ୍କ ସ୍ୱାର୍ଥ, ଦାରିଦ୍ର୍ୟକୁ ଲଢ଼ିବା, ଗରିବଙ୍କ ସମ୍ମାନକୁ ସୁନିଶ୍ଚିତ କରିବା, ଆତ୍ମନିର୍ଭର ଭାରତ ଏବଂ ଗ୍ରାମ୍ୟ ସ୍ୱରାଜକୁ ସାକାର କରିବା ପାଇଁ ପିଏମ ସ୍ୱାମୀତ୍ୱ ଯୋଜନା କାର୍ଯ୍ୟକୁ ଓଡ଼ିଶାରେ ତ୍ୱରାନ୍ୱିତ କରିବା ପାଇଁ ଅନୁମତି ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ କହିଛନ୍ତି ଯେ ୨୦୨୧ ରୁ ୨୦୨୫ ମଧ୍ୟରେ ପିଏମ ସ୍ୱାମୀତ୍ୱ ଯୋଜନା ଅଧୀନରେ ସମଗ୍ର ଭାରତବର୍ଷରେ ୬.୬୨ ଲକ୍ଷ ଗାଁକୁ ଅନ୍ତର୍ଭୁକ୍ତ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ଏବେ ସୁଦ୍ଧା ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ, ଉତରପ୍ରଦେଶ, ଉତରାଖଣ୍ଡ, ମଧ୍ୟପ୍ରଦେଶ, ପଞ୍ଜାମ, ରାଜସ୍ଥାନ, ଗୁଜୁରାଟ୍, ଗୋଆ, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ୭୫୬୫ ଗାଁରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇସାରିଛି । ଏହି ଯୋଜନା ଅନ୍ତର୍ଭୁକ୍ତ ବର୍ତମାନ ସୁଦ୍ଧା ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଇ-ପ୍ରପୋର୍ଟି କାର୍ଡ୍ ପ୍ରସ୍ତୁତ କରାଯାଇଛି । ବିଶେଷ ଭାବରେ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁ ଭୁକ୍ତ ଅନେକ ରାଜ୍ୟ ଗୁଡ଼ିକ ଏହି ଯୋଜନାକୁ ଦ୍ରୁତ ଗତିରେ ଲାଗୁ କରିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶରେ ୩ ହଜାରରୁ ଉର୍ଦ୍ଧ୍ୱ ଗାଁରେ ୧.୭ ଲକ୍ଷ ପ୍ରୋପର୍ଟି କାର୍ଡ୍ ବିତରଣ କରିଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ଗାନ୍ଧୀ ଜୟନ୍ତୀ ଆଗୁଆ ପାଳନ କରିଥିବା ସ୍କୁଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, (ପି.ଏନ): ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ତପନ ସତପଥିଙ୍କୁ ଭେଟି ଅନୁଗୋଳ ବ୍ଲକ ଅ'ର୍ଗତ ପୁରୁଣାଗଡ ପାଇସ୍କୁଲରେ ଗତ ଏକ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ପାଳନ କରା ଯାଇଥିବା ଗଣ ମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇଛି । ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସାରା ବିଶ୍ୱ ଅକ୍ଟୋବର ୨ତାରୀଖ ଦିନ ପାଳନ କରୁଥିବା ବେଳେ ଉପରୋକ୍ତ ବିଦ୍ୟାଳୟ କିପରି ଏକ ତାରିଖ ଦିନ ଆଗୁଆ ପାଳନ କଲା, ଯାହାକି ମହାତ୍ମା ଗାନ୍ଧୀଙ୍କ ପ୍ରତି ଘୋର ଅସମ୍ମାନ । ଏଣୁ ଉପରୋକ୍ତ ବିଦ୍ୟାଳୟର ଶିକ୍ଷକ ମାନହ୍‌କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ଦବି ଜଣାଉଛି । ଆଜିର ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ଉପସଭାପତି ଚିତ ରଂଜନ ନାଏକ, ଓବିସି ସେଲ ଅଧ୍ୟକ୍ଷ, ଜିତନ୍ଦ୍ରେ ସାହୁ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ,ରାଜ୍ୟ ଏସସି ସେଲ ଆବାହକ ଟିକନ ବେହେରା, ଆଇନ ସେଲ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, ଏସସି ସେଲ ଅଧ୍ୟକ୍ଷ ନିଳକଣ୍ଠ ନାଏକ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ବଅଁରପାଳ ବ୍ଲକ ସଭାପତି ବିନୋଦ ମାଝି, ପ୍ରଶାନ୍ତ ବିଶ୍ୱାଳ, ସଂଗ୍ରାମ ବେବେରା ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक






# ଉଷୁନା ଚାଉଳ ବିବାଦ : ଚାଷୀ ନୁହଁ, ମିଲରଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର: ବିଜେପି

ଭୁବନେଶ୍ୱର:ରାଜ୍ୟ ସରକାର ଉଷୁନା ଚାଉଳକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ଚିଠିରୁ ପ୍ରମାଣିତ ହେଉଛି ଯେ ବିଜେଡି ସରକାରର ମିଲରଙ୍କ ପ୍ରତି କେତେ ଦରଦ ଅଛି। ଦୁଇମାସ ତଳେ ଏ ନେଇ କେନ୍ଦ୍ର ସରକାର ବୈଠକ କରିଥିଲେ, ହେଲେ ଦୁଇ ମାସ ପରେ କାହିଁକି ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ବୋଲି କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ପ୍ରଶ୍ନ କରିଛନ୍ତି। ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଗତ ରବି ଋତୁରେ ୭୦୦୦ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଗଲା। ବସ୍ତା ପରିବହନ ସକାଶେ ଲେବରମାନଙ୍କ ପାଇଁ କେନ୍ଦ୍ର ଦେଉଥିବା ୨୨୦୦କୋଟି ଟଙ୍କା ମିଲରଙ୍କ ସହାୟତାରେ ଲୁଟ୍ କରିଛନ୍ତି ରାଜ୍ୟ ସରକାର। ଚାଷୀଙ୍କ ପାଇଁ କେନ୍ଦ୍ର କରିଥିବା କିଷାନ ସମ୍ମାନନିଧି ଯୋଜନାରେ ଚାଷୀଙ୍କ ତଥ୍ୟ ଦେଲେନି। ଚାଷୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ଦାମରେ ଧାନ ବିକୁଛନ୍ତି। କଟନୀ ଛଟନୀ ନାଁରେ ମିଲର ଧାନ ଉଠାଉଛନ୍ତି କିନ୍ତୁ ରାଜ୍ୟ ସରକାର ଚୁପ୍। ସମଗ୍ର ରାଜ୍ୟରେ ଚାଷୀ ଆକ୍ରୋଶ ସୃଷ୍ଟି ହୋଇଛି ତେଣୁ ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଭୟଭୀତ ରାଜ୍ୟ ସରକାର କେନ୍ଦ୍ରକୁ ଦୋଷ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି।ରାଜ୍ୟ ସରକାର ଧାନର ସଂରକ୍ଷଣ ପାଇଁ ଭିତିଭୂମି ପ୍ରସ୍ତୁତି ନକରି ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଉପରେ ଦୋଷ ଲଦୁଛନ୍ତି । ମାତ୍ରଏଫସିଆଇ ପକ୍ଷରୁ କୁହାଯାଇଛି ଯେ, ଓଡିଶା ଏକ ଡିସିପି (ଡି ସେଂଟରାଲାଇଜଡ୍ ପ୍ରକ୍ୟୁରମେଂଟ) ରାଜ୍ୟ ଭାବେ ପରିଗଣିତ। ରାଜ୍ୟ ସରକାର ବଳକା ଚାଉଳକୁ ଏଫସିଆଇକୁ କେନ୍ଦ୍ର ପାଇଁ ଦେଉଛି। ଡି ସେଂଟରାଲାଇଜଡ୍ ପ୍ରକ୍ୟୁରମେଂଟ୍ ପାଇଁ ଭାରତ ସରକାର, ଓଡିଶା ସରକାର ଏବଂ ଏଫସିଆଇ ମଧ୍ୟରେ ହୋଇଥିବା ଏମଓୟୁ ଅନୁସାରେ ଭାରତ ସରକାରଙ୍କ ପକ୍ଷରୁ ଓଡିଶା ସରକାର ଖରିଫ ଋତୁ ପାଇଁ ପ୍ରତ୍ୟକ୍ଷ କିମ୍ବା ଏଜେନ୍ସିଂ ମାଧ୍ୟମରେ ଧାନ କିମ୍ବା ଅଣବାସୁମତି ଚାଉଳ କେନ୍ଦ୍ର ପାଇଁ ସଂଗ୍ରହ କରିବ। ମାତ୍ର ରାଜ୍ୟ ସରକାର ଧାନ ନ କିଣି କେନ୍ଦ୍ର ଉପରେ ଦୋଷ ଲଦୁଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୭.୦୭.୨୦୨୧ ମଧ୍ୟରେ ଏଫସିଆଇ ୧୩.୦୭ଲକ୍ଷ ମେଟ୍ରିକ୍ ଟନ୍ ଅଣବାସୁମତି ଚାଉଳ ଗ୍ରହଣ କରିଛି ଏବଂ ୧୨.୩୧ଲକ୍ଷ ମେଟ୍ରିକ୍ ଟନ୍ ଅଣବାସୁମତି ଚାଉଳ ଖାଲି କରାଯାଇଛି। ଖାଦ୍ୟ ସବସିଡିର ପ୍ରତିପୂରଣ ହୋଇନଥିବା କ୍ଷେତ୍ରରେ ଏଫସିଆଇ ଏହା ଜଣାଇବା ପାଇଁ ଚାହୁଁଛି ଯେ ଭାରତ ସରକାର ରାଜ୍ୟ ସରକାରଙ୍କୁ ସିଧାସଳଖ ଖାଦ୍ୟ ସବସିଡି ପ୍ରଦାନ କରିଥାନ୍ତି। ରାଜ୍ୟ ସରକାରଙ୍କ ଏଜେନ୍ସିଂ ୩ହଜାର ୯୬କୋଟି ଟଙ୍କାର ବିଲ୍ ଏଫସିଆଇ ପାଖରେ ପୈଠ କରିଛନ୍ତି। ତନ୍ମଧ୍ୟରୁ ଏଫସିଆଇ ୧୪.୦୭.୨୦୨୧ ସୁଦ୍ଧା ୨ହଜାର ୯୫୭କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଦେଇସାରିଛି। ବକେୟା ରାଶି ମଧ୍ୟ ଦିଆଯିବ, ଯାହାକି ଏହା ଏକ ନିରନ୍ତର ପ୍ରକ୍ରିୟା। ଚଳିତ ଖରିଫ୍ ଋତୁରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏଫସିଆଇ ରାଜ୍ୟ ଦ୍ୱାରା ଦିଆଯାଇଥିବା ବଳକା ଚାଉଳକୁ ଗ୍ରହଣ କରିଛି ଏବଂ ରାଜ୍ୟ ସରକାରଙ୍କ ପାଖରେ ବଳକା ଥିବା ୭ଲକ୍ଷ ମେଟ୍ରିକ୍ ଟନ୍ ଚାଉଳକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଚଳିତ ଖରିଫ୍ ଋତୁରେ ଗ୍ରହଣ କରିବ। ଏଫସିଆଇ ପକ୍ଷରୁ ବଳକା ଚାଉଳ ଗ୍ରହଣ କରିବାରେ କୌଣସି ଅଙ୍କୁଶ ନାହିଁ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅଣବାସୁମତି ଚାଉଳକୁ ମଧ୍ୟ ଗ୍ରହଣ କରି ଆସୁଛି ଶ୍ରୀ ପୁରୋହିତ କହିଛନ୍ତି। ସେହିପରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନ କିଣିବା ସମୟ ସୀମାକୁ ସମସ୍ତ ଆରଏମସି ଗୁଡିକରେ କମାଇ ଦିଆଯାଉଛି। ଯଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଚାଷୀମାନେ ହତାଶ ହୋଇଯାଉଛନ୍ତି। ଧାନ କିଣିବା ସମୟକୁ ନିର୍ଦ୍ଧାରିତ କରାଯିବା ଫଳରେ ଚାଷୀମାନେ ମଣ୍ଡିକୁ ନିଜ ଫସଲକୁ ଆଣି ବିକ୍ରି କରି ଅର୍ଥ ଉପାର୍ଜନ କରିବାରେ ବିଫଳ ହେଉଛନ୍ତି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ କହୁଥିଲେ ମଧ୍ୟ ଧାନ କିଣା ବ୍ୟବସ୍ଥାରେ ଆଂଶିକ ଡିଜିଟାଲାଇଜେସନ ହୋଇଛି। ଧାନର ଗୁଣବତା ନିୟନ୍ତ୍ରଣ କରିବା ପାଇଁ ଚୁକ୍ତିଭିତିକ ଭାବେ ଅଧିକାରୀ ବା କ୍ୱାଲିଟି କଂଟ୍ରୋଲ ଇନସ୍ପେକ୍ଟରଙ୍କୁ ନିୟୋଜିତ କରାଯାଇଛି। ଯେଉଁମାନେ ନିଜ ଇଚ୍ଛା ମୁତାବକ କ୍ୱାଲିଟି ପାରାମିଟରକୁ ପୂରଣ କରନ୍ତୁ।ସେହିପରି ମଣ୍ଡିରେ ଶ୍ରମିକ ପାରିଶ୍ରମିକ ମୂଲ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୂଡାନ୍ତ ହେବା ଉଚିତ୍ କିନ୍ତୁ ରାଜ୍ୟ ସରକାର ଏହାକୁ ପାଳନ କରୁନାହାଁନ୍ତି। ମାର୍କେଟ୍ ୟାର୍ଡର ଭିତିଭୂମି ତଥା ଅଧିକ ଧାନ ସଂଗ୍ରହ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ। ଉଚ୍ଚ କୋଠରୀ, ଜରିପାଲ, ଏଚଡିପିଇ କଭର ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧତା ନାହିଁ। ରାଜ୍ୟ ସରକାରଙ୍କ ପାଖରେ ଧାନ ବସ୍ତାକୁ ରଖିବା ପାଇଁ ଅଧିକ ଗୋଦାମ ଘରର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଇ-ପ୍ରକ୍ରିୟା ମାଧ୍ୟମରେ ସ୍ୱତନ୍ତ୍ର ମଣ୍ଡି ଲେବର କଂଟାକ୍ଟର ଏବଂ ମଣ୍ଡି ଟ୍ରାନ୍ସପୋର୍ଟ କଂଟ୍ରାକ୍ଟର ନିୟୋଜିତ କରନ୍ତୁ। ଟୋକନ ବ୍ୟବସ୍ଥାରେ ଧାନ ସଂଗ୍ରହ ବ୍ୟବସ୍ଥା ଅଧିକ ଏବଂ ନିରପକ୍ଷପାତିତା କରାଯାଉ। ରାଜ୍ୟ ସରକାର ଧାନର ସ୍ଥିତି ମିଲଓ୍ୱାରୀ ଏବଂ ଷ୍ଟୋରେଜ୍ ପଏଂଟ୍ ଓ୍ୱାରୀକୁ ଲୋକଲୋଚନକୁ ଆଣନ୍ତୁ ଏବଂ ଏହାକୁ ଅଡିଟ୍ କରାଯାଉ। ତଦନ୍ତକାରୀ ଦଳ ଦ୍ୱାରା ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ଦିଆଯାଇଥିବା ପରାମର୍ଶକୁ ଗ୍ରହଣ କରି ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପୁରୋହିତ କହିଛନ୍ତି।

# ଶିବାନୀ ଓ ଜୀବନମନସ୍କ ପତ୍ରିକା ଲୋକାର୍ପଣ



ଭଦ୍ରକ : ଜୀବନର ହାତଧରି ଚାଲିଥାଏ ସାହିତ୍ୟ, ସାହିତ୍ୟ ହେଉ ବା କଳା କି ସଂସ୍କୃତି ଜୀବନ ବ୍ୟାପକ ଓ ସବୁରି ଉର୍ଦ୍ଧ୍ୱରେ, ପତ୍ରିକା ରସିକ ପଣର ରୁପକଳ୍ପ, ଯାହା ଆମକୁ ଜୀବନ ଚିହ୍ନେଇବାରେ ସାହାଯ୍ୟ କରେ ବୋଲି ବାଇପାସସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଶାରଦୀୟ ପତ୍ରିକା ଶିବାନୀ ଓ ପୂର୍ଣଚନ୍ଦ୍ର ବହଳୀଙ୍କ କବିତା ସଂକଳନ ଜୀବନମନସ୍କ ପୁସ୍ତକ ଲୋକାର୍ପଣ ଉତ୍ସବରେ ମତ ପ୍ରକାଶ ପାଇଛି କ୍ଷ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡକ୍ଟର ବ୍ରଜମୋହନ ମିଶ୍ର, ବରେଣ୍ୟ ଅତିଥି ଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଧୁସୂଦନ ଦାଶ ସମ୍ମାନୀୟ ଅତିଥି ଭାବେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପ୍ରମୋଦ ନାୟକ, ରାଧାରାଣୀ ମହାପାତ୍ର ସ୍ତମ୍ଭକାର ଶ୍ରୀ ଅଭୟ ଦ୍ୱିବେଦୀ, ଶ୍ରୀ କିଶୋର ପାଣିଗ୍ରାହୀ ଯୋଗଦାନ କରିଥିଲେ । ଶିବାନୀ ପତ୍ରିକାର ସମ୍ପାଦକ ଓ ଜୀବନ ମନସ୍କ ପୁସ୍ତକର ଲେଖକ କବି ପୂର୍ଣ୍ଣଚନ୍ଦ୍ର ବହଳୀ ସମ୍ପାଦକୀୟ ବକ୍ତବ୍ୟ, ତାଙ୍କ ପୁତ୍ରବଧୂ ରୁପାଲୀ ମିଶ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଉଷାରଣୀ ଜେନା ଅତିଥି ପରିଚୟ ଓ କବି ବିଜୟ ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ । ବେଦ ପାଠ କରିଥିଲେ ସାଇକଳ୍ପିତ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ରଜନୀକାନ୍ତ ମହାନ୍ତି, ଦିବ୍ୟସିଂ ଦାସ ଅଧିକାରୀ, ପ୍ରୀତିଲତା ପଣ୍ଡା, ଭରତ ଚନ୍ଦ୍ର ଦାଶ, ଗୋଲକ ବିହାରୀ ସାହୁ, ଡ. ପ୍ରଭାତନଳିନୀ ମହାପାତ୍ର, ଶଶଧର ମହନୀ, ରବିନାରାୟଣ ଖିଲାର, କୈଳାଶ ଦାସ, ଗୌରଙ୍ଗ ବାରିକ, ହୃଦାନନ୍ଦ ପାଣିଗ୍ରାହୀ, ହରିଶ ଚନ୍ଦ୍ର ଦାସ, ପ୍ରଭାତ ଜେନା, ଶାନ୍ତନୁ ରାଉତ, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।

## କନ୍ଧମାଳ ବିଜେଡି ସଂଖ୍ୟା ଲଘୁ ସେଲର କର୍ମକର୍ତ୍ତା ଚୟନ

ଫୁଲବାଣୀ:କନ୍ଧମାଳ ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟସଭା ସାଂସଦ ମୁନ୍ନା ଖାଁଙ୍କ ଅନୁମୋଦନ କ୍ରମେ କନ୍ଧମାଳ ଜିଲ୍ଲାର ବିଜେଡି ସଂଖ୍ୟା ଲଘୁ ସେଲର ଜିଲ୍ଲାରେ ପୂର୍ବରୁ ଖାଲିଥିବା ବିଭିନ୍ନ ପଦବୀ ଗୁଡିକର କର୍ମକର୍ତ୍ତା ମନୋନୀତ କରାଯାଇଛି । ସେମାନେ ହେଲେ ସଂଖ୍ୟାଲଘୁ ସେଲର ଜିଲ୍ଲା ଉପସଭାପତି ଭାବେ ସୟଦ ବଖାରୀ ଅଲ୍ଲୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପୌରପରିଷଦ ଫୁଲବାଣୀ ଅଂଚଳର ସଭାପତି ରୁପେ ପ୍ରତିକ ରନ ନାୟକ, ଜି.ଉଦୟଗିରି ଏନଏସି ଅଂଚଳର ସଭାପତି ଭାବେ ଏମ.ଡି.ହୁସେନ,ଦାରିଙ୍ଗବାଡି ବ୍ଲକ ଅଂଚଳର ସଭାପତି ଭାବେ ଦେବାଶିଶ ନାୟକ,କୋଟଗଡ ବ୍ଲକ ସଭାପତି ଭାବେ ଜାହିର ଉଠାନ ସିଂଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସଂଖ୍ୟା ଲଘୁ ସେଲର କନ୍ଧମାଳ ଜିଲ୍ଲା ସଭାପତି ଜୟାନନ୍ଦ ନାୟକ ସୁଚନା ଦେଇଛନ୍ତି । ନବ ନିଯୁକ୍ତି କର୍ମକର୍ତ୍ତାମାନେ ନିଯୁକ୍ତି ପାଇବା ପରେ ରାଜ୍ୟ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କନ୍ଧମାଳ ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ପ୍ରତାପ ଜେନା , ରାଜ୍ୟସଭା ସାଂସଦ ମୁନ୍ନା ଖାଁ,କନ୍ଧମାଳ ସାଂସଦ ଡ଼.ଅଚ୍ୟୁତ ସାମନ୍ତ,ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ବାଲିଗୁଡା ବିଧାୟକ ଚକ୍ରମଣି କହଁର,ଉଦୟଗିରି ବିଧାୟକ ସାଲୁକା ପ୍ରଧାନ,ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କୁ ଆନ୍ତରିକ ସହ କୃତଜ୍ଞତା ଜଣାଇଛନ୍ତି ।

## ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କେନ୍ଦ୍ରାପଡା କଲେଜର ୨ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,(ପି.ଏନ) : ଚଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨ପୁରାତନ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରାପଡା କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ନରସିଂହପୁର ଗ୍ରାମର ନଳିନୀରଞ୍ଜନ ପଣ୍ଡା ଓ ଶକୁନ୍ତଳା ପଣ୍ଡାଙ୍କ ସୁପୁତ୍ର ପ୍ରଭୁ ପ୍ରସାଦ ପଣ୍ଡା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୭ନମ୍ବର ର୍ୟାଙ୍କରେ ଓ ପଲେଇ ପଞ୍ଚାୟତର ସବଳଙ୍ଗ ଗ୍ରାମର ନଟବର ପୃଷ୍ଟିଙ୍କ ସୁପୁତ୍ରୀ ହରପ୍ରୀୟା ପୃଷ୍ଟି ୬୨ନମ୍ବର ର୍ୟାଙ୍କରେ ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି। ଜଣେ ସାଧାରଣ କୃଷକ ପରିବାରରୁ ଆସିଥିବା ହରପ୍ରୀୟା ଅଭାବ ଅସୁବିଧାକୁ ସାହସର ସହିତ ମୁକାବିଲା କରି ଏଭଳି ସଫଳତା ପାଇ ପାରିଛନ୍ତି। ଉଭୟ କେନ୍ଦ୍ରାପଡା କଲେଜର ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀ ହୋଇଥିବା ବେଳେ ସେମାନଙ୍କ ଗ୍ରାମର ପ୍ରଥମ ପ୍ରଶାସନିକ ଅଧିକାରୀ ଭାବେ କୃତକାର୍ଯ୍ୟ ହୋଇ ଗୌରବ ଆଣିଥିବାରୁ ସେହି ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନ ପକ୍ଷରୁ ପ୍ରାକ୍ତନ ଛାତ୍ର ଅଧ୍ୟାପକ ଅଜୟ ସାମଲ, ଭଜକୃଷ୍ଣ ରାଉତ, ରାଜେଶ ପଣ୍ଡା, ଅକମଲ ଅଲ୍ଲୀ, ଦୁଷ୍ମନ୍ତ ମଲ୍ଲିକ, ପ୍ରଭାତ ତ୍ରିପାଠୀ, ଦେବେନ୍ଦ୍ର ଦାସ ପ୍ରମୁଖ ସେମାନଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର:ଏକ ନିର୍ଭୀକ ତଥା ଭେଦଭାବହୀନ ସମାଜ ଗଠନ କରିବା ଥିଲା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ସ୍ୱପ୍ନ । ସେହିପରି ସର୍ବକନିଷ୍ଠ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ବାଜିରାଉତ ତାଙ୍କ ଜୀବନକୁ ବାଜି ଲଗାଇ ଶହୀଦ ହୋଇଥିଲେ । ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ଶ୍ରାଦ୍ଧଦିବସ ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ ଦୁଇ କର୍ମଯୋଗୀଙ୍କୁ ଯଥାକ୍ରମେ ସମତା ଓ ଉଦ୍ଦାମତାର ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ । ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ଶ୍ରାଦ୍ଧଦିବସ ଅବସରରେ ଆୟୋଜିତ ୱେବିନାରରେ ଉଦ୍‌ଘାଟକ ଭାବେ ଉପସ୍ଥିତ ରହି ଶ୍ରୀ ସିଂ କହିଥିଲେ ଯେ ଲୋକନାୟକ ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତିର ପ୍ରବର୍ତକ ତଥା ସ୍ୱାଧୀନୋତର ସମୟରେ ଗଣତନ୍ତ୍ରର ଉପଯୁକ୍ତ ପରିପ୍ରକାଶ ଏବଂ ଛାତ୍ରଛାତ୍ରୀମାନେ ଶହୀଦ ବାଜିରାଉତଙ୍କ ପରି ନିର୍ଭୀକଚିତ ହେବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ଓ ଶିକ୍ଷକ ଏବଂ ଉତରପିଢ଼ି ବାଜିରାଉତଙ୍କ ଉଦ୍ଦାମ ଦେଶପ୍ରେମରୁ ଆଦର୍ଶ ଗ୍ରହଣ କରନ୍ତୁ । ସୂଚନା ଓ ଲୋକସଂପର୍କ ତଥା ଜଳସଂପଦ ମନ୍ତ୍ରୀ ରଘୁନନ୍ଦନ ଦାସ ନିଜର ବକ୍ତବ୍ୟରେ କହିଥିଲେ ଲୋକନାୟକ ଜୟପ୍ରକାଶ ସମାଜବାଦର ପ୍ରତିଷ୍ଠା ନିମନ୍ତେ ସର୍ବଦା ଉଦ୍ୟମ କରିବା ସହ ବିନୋବା ଭାବେଙ୍କ ପ୍ରବର୍ତିତ ସର୍ବୋଦୟ ଆନ୍ଦୋଳନରେ ଅଂଶଗ୍ରହଣ କରି ଭୂଦାନ ମାଧ୍ୟମରେ ଭୂମିହୀନଙ୍କ ଆର୍ଥିକ ଉନ୍ନତି ପାଇଁ ଚେଷ୍ଟିତ ଥିଲେ । ୧୯୭୫ ମସିହାରେ ଯେତେବେଳେ ବ୍ୟକ୍ତି ସ୍ୱାଧୀନତା ସଂକୁଚିତ ହେଲା, ତାହା ଜୟପ୍ରକାଶଙ୍କୁ କ୍ଷୁବ୍ଧ କରିଥିଲା । ସେ ଆଜୀବନ କୌଣସି ପଦପଦବୀ ପାଇଁ ଲାଳାୟିତ ନଥିଲେ । ସେହିଭଳି ୧୨ ବର୍ଷର ବାଳକ ବାଜିରାଉତଙ୍କ ଦୁଃସାହସିକ କାହାଣୀ ଆଜି ବି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ, ଯୁବକ ସମସ୍ତଙ୍କର ପ୍ରେରଣା ହୋଇରହିଛି ।ସମ୍ମାନିତ ଅତିଥି ଓଡ଼ିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି କହିଥିଲେ ଯଥାର୍ଥରେ ଲୋକନାୟକ ଜୟପ୍ରକାଶ ଏବଂ ଅମର ଶହୀଦ ବାଜିରାଉତ ଥିଲେ ମୁକ୍ତି ସଂଗ୍ରାମୀ । ନିର୍ଭୀକତା ଏବଂ ଦେଶମାତୃକାର ସେବା ପାଇଁ ଦୁଇଜଣ ସଦା ପ୍ରେରିତ ଥିଲେ । ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଭାଗର ମୁଖ୍ୟ ଡ. ନେତାଜୀ ଅଭିନନ୍ଦନ କହିଥିଲେ ଅମର ଶହୀଦ ବାଜିରାଉତଙ୍କ ଶହୀଦ ହେବା ସେ ସମୟରେ ସମଗ୍ର ଭାରତବର୍ଷ କାହିଁକି ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ୱେବିନାର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଆଜି ସକାଳେ ଭୁବନେଶ୍ୱର ମାଷ୍ଟରକାଂଟିନ୍ ଛକଠାରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ମାନସ ରଞ୍ଜନ ଖୁଂଟିଆ, ବିଭାଗର ଅନ୍ୟ ପଦାଧିକାରୀ ଏବଂ ଅତିଥିମାନେ ଯୋଗଦେଇ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପାନୀୟ ଜଳର ସୁବିଧା ପାଇଁ ନଳକୂପ ଖୋଳାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା,(ପି.ଏନ) : ପାନୀୟ ଜଳର ନିତ୍ୟାନ୍ତ ଆବଶ୍ୟକତା ଦୃଷ୍ଟିରୁ ନଳକୂପ ଖୋଳାଯିବାକୁ ଗ୍ରାମବାସୀମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମପଞ୍ଚାୟତର କାନପୁର, ଗିରିମଠ ଓ ଦଳିତ ବସ୍ତିରେ ନଳକୂପ ଟିଏ ନଥିବାରୁ ଅଧିବାସୀମାନେ ପାନୀୟ ଜଳ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଫଳରେ ଦୁଷିତ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରି ଗ୍ରାମବାସୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ୪୦ଟିରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବା ଉପରୋକ୍ତ ଗ୍ରାମ ଏବଂ ଦଳିତ ବସ୍ତିରେ ନଳକୂପଟିଏ ବସାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟଭାମା ପ୍ରଧାନ, ଜ୍ୟୋସ୍ନାମୟୀ ପ୍ରଧାନ ଓ ରଶ୍ମିତା ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ।

# ଖାଦ୍ୟ ଓ ସଂଗ୍ରହଣ ନୀତିକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର: ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା ନିମନ୍ତେ 'ଖାଦ୍ୟ ଓ ସଂଗ୍ରହଣ ନୀତି, ୨୦୨୧-୨୨'କୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି । ୨୦୨୧-୨୨ ଖରିଫ ବିପଣନ ବର୍ଷରେ ମୋଟ ୫୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଅବା ୭୭ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ଖରିଫ ଋତୁରେ ୬୩ଲକ୍ଷ ଓ ରବି ଋତୁରେ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ। ଏହାଠୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କଠୁ ମଣ୍ଡିକୁ ଆସିବ ତାକୁ ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ ଓ ବିଭାଗୀୟ ମନ୍ତ୍ରୀ ଏହି ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର କହିଛନ୍ତି ଯେ, ଆଜିର କ୍ୟାବିନେଟ ବୈଠକରେ ମୋଟ ୧୭ଟି ଏଜେଣ୍ଡାକୁ ଅନୁମୋଦନ ମିଳିଛି। ଖରିଫ ବିପଣନ ବର୍ଷ ୨୦୨୧-୨୨ରେ ମୋଟ ୫୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଅବା ୭୭ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୦-୨୧ରେ ମୋଟ ୭୭.୩୩ଲକ୍ଷ ମେଟ୍ରିକ ଟନ୍ ଧାନ ଅବା ୫୨.୩୫ଲକ୍ଷ ମେଟ୍ରିକ ଟନ୍ ଚାଉଳ କ୍ରୟ କରାଯାଇଥିଲା। ୨୦୨୧ ନଭେମ୍ବରରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ୨୦୨୨ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ। ଏହି ସମୟସୀମା ମଧ୍ୟରେ ଜିଲ୍ଲାଗୁଡ଼ିକ ସେମାନଙ୍କର ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଟାଲ ପିଛା ୧୯୪୦ଟଙ୍କା ଓ ୧୯୬୦ଟଙ୍କା ହାରରେ ଚାଷୀଙ୍କଠୁ ଧାନ କିଣା ଯିବ। କେବଳ ପଞ୍ଜିକୃତ ଚାଷୀଙ୍କଠୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ। ଧାନ ବିକ୍ରି ପାଇଁ 'ଆଧାର' ହେବ ଏକମାତ୍ର ପରିଚୟ ପତ୍ର। ଧାନ ବିକ୍ରି ସମୟରେ ଆଧାର ମାଧ୍ୟମରେ ପଞ୍ଜିକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟୀକରଣ କରାଯିବ। ଗତବର୍ଷ ଭଳି ପଞ୍ଜିକୃତ ଚାଷୀଙ୍କୁ ମୋବାଇଲ୍ ଫୋନ୍ ମାଧ୍ୟମରେ ଧାନ କ୍ରୟର ସବିଶେଷ ତଥ୍ୟ ଆଗୁଆ ଜଣାଇ ଦିଆଯିବ । ଧାନ ବିକ୍ରିର ୨୪ରୁ ୪୮ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ଅର୍ଥ ପ୍ରଦାନ କରାଯିବ । ଓଡ଼ିଶା ଯୋଗାଣ ନିଗମ, ପ୍ୟାକ୍ସ, ଲ୍ୟାମ୍ପସ, ମହିଳା ଏସଏଚଜି ଓ ପାଣି ପଂଚାୟତଗୁଡ଼ିକ ମଧ୍ୟରେ ଧାନ ସଂଗ୍ରହ କରିପାରିବେ ।ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥା(ପିଡିଏସ)ରେ ବର୍ଷକୁ ପ୍ରାୟ ୨୪ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକ ପଡୁଥିବାବେଳେ ବାକି ସଂଗୃହୀତ ଚାଉଳକୁ ଏଫସିଆଇକୁ ପ୍ରଦାନ କରାଯାଇଥାଏ ।ସୂଚନାଯୋଗ୍ୟ, ୨୦୨୦-୨୧ ଖରିଫ ବର୍ଷରେ ମୋଟ ୭୧ଲକ୍ଷ ମେଟ୍ରିକ ଟନ୍ ଧାନ ଅବା ୪୮ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray